**କଟକଣା ସତ୍ତ୍ୱେ କାଉଡ଼ିଆ ପାଣି ଭାର ନେଲେ**

ନିରାକାରପୁର,(ଡି.ଏନ୍.ଏ.): କରୋନା ସଂକ୍ରମଣ ପାଇଁ ଚଳିତବର୍ଷ ବୋଲବମ୍ ଯାତ୍ରା ଉପରେ ପ୍ରଶାସନ ପକ୍ଷରୁ କଟକଣା କରାଯାଇଛି। କୌଣସି ଶୈବ ପୀଠରେ କାଉଡିଆମାନେ ଜଳ ଲାଗି କରିପାରିବେ ନାହିଁ ବୋଲି କୁହାଯାଇଛି। ପ୍ରଶାସନର କଟକଣାକୁ ନ ମାନି ଖୋର୍ଦ୍ଧା ଜିଲା ନିରାକାରପୁର ଓ ଟାଙ୍ଗୀ ଥାନା ଅଞ୍ଚଳର କେତେଜଣ କାଉଡିଆ ରବିବାର ପାଣିଭାର ନେଇ ଶୈବପୀଠ ଅଭିମୁଖେ ଯାତ୍ରା କରିଥିବା ଦେଖିବାକୁ ମିଳିଛି। ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବାରୁ ଶୈବପୀଠରେ କାଉଡିଆମାନେ ଜଳଲାଗି କରିବେ ବୋଲି ଜଣାପଡ଼ିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ, ଶହୀଦ ସ୍ମୃତିସ୍ତମ୍ଭ, କଳ୍ପନା ସ୍କୋୟାର, ସକାଳ ୮ଟା।
- ଅଲ ଓଡ଼ିଶା ଟେଣ୍ଟ, ଫ୍ଲାୱାର, ଲାଇଟ ଆଣ୍ଡ ସାଉଣ୍ଡ ଆସୋସିଏଶନ ପକ୍ଷରୁ ଧାରଣା, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବଞ୍ଚାଅ ଦିବସ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଅଗଷ୍ଟ କ୍ରାନ୍ତି ଦିବସ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା।
- ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଧାରଣା, ଓସେପା ଅଫିସ, ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ, ବିଜେଡି ପାର୍ଟି ଅଫିସ, ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମୁଖ, ମଧ୍ୟାହ୍ନ ୧୨ଟା।

# ଦିବ୍ୟାଙ୍ଗ ଭାଇଙ୍କୁ ପରିଚୟ ଦେଇଛି ଚିତ୍ରକଳା

**କଟକ ଅଫିସ,୮।୮**



କଟକ ଯୋବ୍ରା ମଲ୍ଲାସାହି ଅଞ୍ଚଳର ଦୁଇଭାଇ ଶ୍ରୀହର୍ଷ ଶୁକ୍ଳା ଓ ସିଦ୍ଧାର୍ଥ ଶୁକ୍ଳା। ଜନ୍ମରୁ ସେମାନେ କଥା କହିପାରନ୍ତିନି କି ଶୁଣିପାରନ୍ତି ନାହିଁ। ଠାର ମାଧମରେ ସମସ୍ତଙ୍କ ଭାବନା ବୁଝିପାରନ୍ତି। ଏବେ ଏହି ଦୁଇ ଦିବ୍ୟାଙ୍ଗ ଭାଇଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ଚିତ୍ରକଳା। ସେମାନେ ପଟ୍ଟଚିତ୍ର, ମର୍ଡନ୍ ଆର୍ଟ, କୋଲାର୍ଜ ଆର୍ଟରେ ନିଜର ନିଆରା ପ୍ରତିଭା ଦେଖାଇଛନ୍ତି। ଦେଶବିଦେଶରେ ଅନେକ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ଜନ୍ମ ହେବାର କିଛି ମାସ ପରେ ଶ୍ରୀହର୍ଷ ଓ ସିଦ୍ଧାର୍ଥ ଦିବ୍ୟାଙ୍ଗ ବୋଲି ମା'ବାପା ଜାଣିବା ପରେ ଅନେକ ସ୍ଥାନରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ୪ବର୍ଷ ବୟସରୁ ସେମାନଙ୍କର ଚିତ୍ରକଳା ପ୍ରତିଭା ବାରି ହୋଇପଡିଥିଲା। କାଗଜରେ ସୁନ୍ଦର ଚିତ୍ର ଆଙ୍କୁଥିବା ଦେଖି ମାଆ କଲ୍ୟାଣୀ ମହାପାତ୍ର ସେମାନଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ। ଏଥିପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦେଇଥିଲେ। ପଞ୍ଚମ ଶ୍ରେଣୀରେ ପଢିବାବେଳେ ସେମାନେ ଗୁରୁ ଗଣେଶ୍ୱର ବାରିକଙ୍କଠାରୁ ଚିତ୍ର ଶିଖିବା ଆରମ୍ଭ କରିଥିଲେ। ଉଭୟଙ୍କ ଆକର୍ଷଣୀୟ ଚିତ୍ର ଦେଖି ସ୍ଥାନୀୟ ଲୋକଙ୍କ ପ୍ରଶଂସା ସେମାନଙ୍କୁ ଆହୁରି ପ୍ରେରଣା ଦେଇଥିଲା। ଏହାପରେ ଦୁଇଭାଇ ଅନେକ ଥର ଆଞ୍ଚଳିକ ଓ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ୧୯୯୨ ମସିହାରେ ଦିଲ୍ଲୀର ଭେରି ସ୍ପେଶାଲ ଆର୍ଟ୍ସ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଅନେକ ପ୍ରଶଂସା ସାଉଁଟିଥିଲେ। ସେଠାରେ ଆମେରିକାର ଜଣେ ମହିଳା ଫଟୋଗ୍ରାଫର ସେମାନଙ୍କ ଚିତ୍ରକଳାରେ ପ୍ରଭାବିତ ହୋଇ ଆମେରିକାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରଦର୍ଶନୀରେ ଅଶଂଗ୍ରହଣ କରିବାକୁ କହିଥିଲେ। ଫଳରେ ଦୁଇଭାଇ ଆମେରିକାର ବିଭିନ୍ନ ଚିତ୍ରକଳା ପ୍ରଦର୍ଶନୀରେ ନିଜ ପ୍ରତିଭା ଦେଖାଇ ବହୁ ପୁରସ୍କାର ହାସଲ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କୋଲାର୍ଜ ଆର୍ଟ ବିଦେଶୀଙ୍କ ମନକୁ ବେଶ୍ ଆକୃଷ୍ଟ କରିଥିଲା। ଏଥିସହ ସେମାନେ ମୁମ୍ବାଇ, ରାଜସ୍ଥାନ, ଫ୍ରାନ୍ସ, ନେପାଳ ଭଳି ଅନେକ ସ୍ଥାନ ଭ୍ରମଣ କରି ସେଠାକର ଦୃଶ୍ୟକ ନିଜ କ୍ୟାମେରାରେ କଏଦ କରିଥାନ୍ତି। ପରେ ସେହି ଫଟୋକୁ ନେଇ ଚିତ୍ର ଆଙ୍କିଥାନ୍ତି। ଏପର୍ଯ୍ୟନ୍ତ ଶ୍ରୀହର୍ଷ ଓ ସିଦ୍ଧାର୍ଥ ଦେଶବିଦେଶରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ୭୦ରୁ ଊର୍ଦ୍ଧ୍ୱ ଥର ପୁରସ୍କୃତ ହୋଇଛନ୍ତି। ଶ୍ରୀହର୍ଷ ଏବେ କଟକ ରେଲୱେ ସେଟଲମେଣ୍ଟ ହାଇସ୍କୁଲ ଓ ସିଦ୍ଧାର୍ଥ ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲରେ ଆର୍ଟ ଟିଚର ଭାବେ କାର୍ଯ୍ୟ କରୁଛନ୍ତି।

ଶ୍ରୀହର୍ଷ ଓ ସିଦ୍ଧାର୍ଥଙ୍କ କହିବା ଅନୁଯାୟୀ, ଦେଶବିଦେଶରେ ସେମାନଙ୍କ ଚିତ୍ରକଳାର ଚାହିଦା ଅଧିକ ରହିଛି। ସେମାନେ ପ୍ରସ୍ତୁତ କରିଥିବା ଚିତ୍ରଗୁଡ଼ିକ ଆମେରିକାରେ ଅଧିକ ମାତ୍ରାରେ ବିକ୍ରି ହୋଇଥାଏ । ଦିବ୍ୟାଙ୍ଗ ହେବାର ଦୁଃଖକୁ ସେ କେବେ ଅନୁଭବ କରିନାହାନ୍ତି।





## ରତ୍ନଚିତାରେ ଝଟକିଲେ ମହାପ୍ରଭୁ

### ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପାଳିତ

ପୁରୀ ଅଫିସ, ୮।୮: ଶ୍ରୀମନ୍ଦିରରେ ରବିବାର ଚିତାଲାଗି ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ପ୍ରାତଃରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆଳତି ପରେ ଅବକାଶ ନୀତି ହୋଇଥିଲା। ଦ୍ୱାରପାଳ ପୂଜା, ରୋଷହୋମ, ସୂର୍ଯ୍ୟପୂଜା ପରେ ଗୋପାଳବଲ୍ଲଭ ଭୋଗ ସମ୍ପନ୍ନ ହୋଇଥିଲା। ସକାଳଧୂପ ଓ ପ୍ରଥମ ଭୋଗମଣ୍ଡପ ପରେ ଦଇତାମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ଭଣ୍ଡାର ଘରୁ ତିନି ଠାକୁରଙ୍କୁ ଲାଗିହେଉଥିବା ୩ଟି ରତ୍ନ ଚିତା ଓ ପାଟରା ଯୋଗାଇଥିବା ପାଟଫିତା ଡୋର ଜମା କରାଯାଇଥିଲା। ସକାଳ ଧୂପ ପୂଜା ବସିଥିବାବେଳେ ରତ୍ନ ଚିତା ୩ଟିକୁ ଦେଉଳ କରଣଙ୍କ ମାର୍ଫତରେ ଦିଆଯାଇଥିଲା। ଏହାକୁ ପଞ୍ଚାମୃତ କରାଯାଇଥିଲା। ସକାଳଧୂପ ଓ ଭୋଗମଣ୍ଡପ ପରେ ପୁଷ୍ପାଳକ ଶ୍ରୀଜୀଉମାନଙ୍କୁ ମଇଲମ କରି ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରିଥିଲେ। ପାଳିଆ ଖୁଣ୍ଟିଆ ଡାକ ମାରିବାରୁ ତିନିବାଡର ବାଡ଼ଗ୍ରାହୀ ଦଇତା ଗର୍ଭଗୃହକୁ ପ୍ରବେଶ କରିଥିଲେ। ବାଡଗ୍ରାହୀ ଦଇତା ଓ ବିଦ୍ୟାପତି ନବକିଶୋର ପତିମହାପାତ୍ର ପାଟ ଡୋରାରେ ଚିତା ବାନ୍ଧି ଶ୍ରୀଜୀଉମାନଙ୍କ ଶ୍ରୀମୁଖରେ ଲାଗି କରାଇଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା, ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ପରେ ପାଳିଆ ମେକାପ ରତ୍ନସିଂହାସନ ମାର୍ଜଣା କରିଥିଲେ। ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନ ସିଂହାସନରେ ବିଜେ କଲା ପରେ ବେଶ ଏବଂ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ୱାକଫ ବୋର୍ଡ ଜମି ଦୁର୍ନୀତିର ତଦନ୍ତ ହେଉ

କଟକ ଅଫିସ, ୮।୮- ୱାକଫ୍ ବୋର୍ଡ ଜମି ଦୁର୍ନୀତି, ମଦ୍ରାସା ଶିକ୍ଷାରେ ଅବନତି, ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଦିଆଯାଉଥିବା ଲୋନ୍ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦିଗହରା କରିଛନ୍ତି ବୋଲି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ କହିଛନ୍ତି। କଟକ ନଗର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ବିଜୁପଟ୍ଟନାୟକ ଛକସ୍ଥିତ ମୋର୍ଚ୍ଚା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିକନ୍ଦର ଉପରୋକ୍ତ ବିଷୟରେ କହିଥିଲେ। କଟକ ନଗର ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ସବିର ଏଥିରେ ଅଧକ୍ଷତା କରିଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭାଜପା ପ୍ରତିଜ୍ଞା ବଦ୍ଧ। ଏହି ସମ୍ମିଳନୀରେ ବିଜୟ ମହାପାତ୍ର, ବିଶ୍ୱରଞ୍ଜନ ମିଶ୍ର, ସୁଧୀର ଶତପଥୀ, ଜୟକୃଷ୍ଣ ସ୍ୱାଇଁ, ସତ୍ୟବ୍ରତ ମିଶ୍ର, ନଇମ ଖାନ, ଅଞ୍ଜୁମ ବେଗମ୍, କମଲଜିତ୍ ସିଂ, ମହମ୍ମଦ ମୁସ୍ତାକିମ, ଶେଖ ଟିକୁ, ରବୀନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏ ନେଇ ବିଜେଡି ଜିଲା ସଂଖ୍ୟାଲଘୁ ସେଲ୍‌ର ସଭାପତି ସୟଦ ଇକ୍‌ରାମ ହୁସେନ କହିଛନ୍ତି, ୱାକଫ ବୋର୍ଡ ଜମି ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଉ। ସେହିପରି ଶିକ୍ଷାନୁଷ୍ଠାନଗୁଡିକ ଦୁଇ ବର୍ଷ ହେବ ବନ୍ଦ ରହିଛି, ଏଣୁ ମଦ୍ରାସା ଶିକ୍ଷାରେ ଅବନତି ହେବା ସ୍ୱାଭାବିକ। ରାଜ୍ୟ ସରକାରଙ୍କ ଏସ୍‌ସି/ଏସ୍‌ଟି ଓ ମାଇନରିଟି ବିଭାଗ ଏକତ୍ରିତ ଥିବାରୁ ମାଇନରିଟିମାନଙ୍କୁ ସାମାନ୍ୟ ଅସୁବିଧା ହେଉଛି। ମାଇନରିଟି ସେଲ୍‌କୁ ଅଲଗା କରାଗଲେ ଭଲ ହୁଅନ୍ତା।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି



ଚିତାଲାଗି ଅମାବାସ୍ୟା ଅବସରରେ ଅମାବାସ୍ୟା ନାରାୟଣ ସାଗର ବିଜେ କରୁଛନ୍ତି।

**ପୁରୀ ଅଫିସ, ୮।୮**

ଶ୍ରାବଣ ଅମାବାସ୍ୟା ତିଥିରେ ରବିବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ଭିତରଶୋଧ ମଙ୍ଗଳ ଆଳତି, ମଇଲମ ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପୂର୍ବାହ୍ନ ପ୍ରାୟ ୧୧.୫୦ରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚର୍ତୁଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣଙ୍କୁ ପାଳିଆ ଗଡ଼ାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗିକରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣାଭୋଗ ମଣୋହି କରାଯାଇଥିଲା। ଆରତି ଓ ବନ୍ଦାପନା ପରେ ବାହୁଡ଼ା ବିଜେ ନୀତି ହୋଇଥିଲା। ସେବକମାନେ ହରିଦାସ ମଠ ଗୋହିରୀ ରାସ୍ତା ଦେଇ ଯମେଶ୍ୱର ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମାଜଣା ନୀତି କରାଯାଇ ପଞ୍ଚଉପଚାରରେ ଶୀତଳଭୋଗ ମଣୋହି କରାଯାଇଥିଲା। ନୀତି ସମ୍ପନ୍ନ ପରେ ଠାକୁର ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ମଣିଆସାହିପଡାକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

**ଟିଗିରିଆ,୮।୮(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତର ପଡାଗ୍ରାମ ଅମୁଣିଆ ସାହିକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଦାବି ହୋଇଛି। ଏନେଇ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶନିବାର ଟିଗିରିଆ ତହସିଲଦାର ପ୍ରମୋଦ ବାସ୍କେଙ୍କୁ ସାହି ବାସିନ୍ଦା ପ୍ରଦାନ କରିଛନ୍ତି। ଗ୍ରାମର ଜନସଂଖ୍ୟା ୧୦୦୦ରୁ ଊର୍ଦ୍ଧ୍ୱ ଥିବାବେଳେ ୨୦୧୨ ଆଠଗଡ ଉପ ନିର୍ବାଚନ ଓ ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ ସ୍ୱତନ୍ତ୍ର ବୁଥ ମାଧମରେ ମତଦାନ କରାଯାଇଥିଲା। ୨୦୧୯ରେ ବିଧାନସଭାରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମନୋରଞ୍ଜନ ମହାନ୍ତି, ହିମାଂଶୁ ଶେଖର ମହାନ୍ତି, ନିରଞ୍ଜନ ରାଉତ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଖୋଲିବ ଧାର୍ମିକ ଅନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୮।୮**

**ବିଏମ୍‌ସି ବ୍ୟତୀତ ଖୋର୍ଦ୍ଧା ଜିଲା ପାଇଁ ଲାଗୁ**

- ଭୋଗ ନେବା, ପ୍ରସାଦସେବନ ମନା
- କୋଭିଡ୍ ଗାଇଡ୍ ଲାଇନ ପାଳନ ବାଧତାମୂଳକ



ଦୀର୍ଘ ୩ମାସ ପରେ ସୋମବାରଠାରୁ ଖୋର୍ଦ୍ଧା ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନ ଖୋଲିବ। କରୋନା ମହାମାରୀ ଯୋଗୁ ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଥିଲା। ଏବେ କଟକଣା କୋହଳ ହେବା ପରେ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ଖୋଲିବା ପାଇଁ ସରକାର ଅନୁମତି ଦେଇଛନ୍ତି। ଫଳରେ ଭକ୍ତ ଓ ପୂଜକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ ଶୈବପୀଠଗୁଡ଼ିକ ପୁଣି ଚଳଚଞ୍ଚଳ ହୋଇଉଠିବ।

ଖୋର୍ଦ୍ଧା ଜିଲାରେ ଭୁବନେଶ୍ୱରକୁ ବାଦ୍ ଦେଇ ଅଗଷ୍ଟ ୯ରୁ ସମସ୍ତ ଧାର୍ମିକ ଅନୁଷ୍ଠାନ, ମଠ, ମନ୍ଦିର ଖୋଲିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ସୂଚନା ଦେବା ସହ ଗାଇଡ୍‌ଲାଇନ ଜାରି କରିଛନ୍ତି।

ସମସ୍ତ ମନ୍ଦିର ପରିଚାଳନା ଓ ଧାର୍ମିକ ଅନୁଷ୍ଠାନ କମିଟି କୋଭିଡ ନିୟମ ସୁନିଶ୍ଚିତ କରାଇବେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ମଠ, ମନ୍ଦିର, ଧାର୍ମିକ ଅନୁଷ୍ଠାନ ଖୋଲାରହିବ। ସନ୍ଧ୍ୟା ୬ଟାରୁ ରାତି ୮ଟା ମଧ୍ୟରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଯିବ। ବିଧି ପରମ୍ପରା ଅନୁଯାୟୀ ନୀତିକାନ୍ତି ଚାଲିବ। କୌଣସି ଭକ୍ତ ମନ୍ଦିରକୁ ଭୋଗ ନେଇ ଯାଇପାରିବେ ନାହିଁ। ମନ୍ଦିର ପରିସରରେ ପ୍ରସାଦ ସେବନ ହେବ ନାହିଁ। ପ୍ରବେଶ ପଥରେ ଭକ୍ତଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ବାଧତାମୂଳକ। ଏକସଙ୍ଗେ ମନ୍ଦିରରେ ପ୍ରବେଶ ନ କରି କ୍ରମଶଃ ଭକ୍ତଙ୍କୁ ପ୍ରବେଶ ଅନୁମତି ଦିଆଯିବ। ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ଶିଶୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। କୋଭିଡ ନିୟମକୁ ମନ୍ଦିର ପରିଚାଳନା କମିଟି ତଦାରଖ କରିବେ। ଭିଡ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଧବଳେଶ୍ୱର, ଶ୍ରୀଲୋକେଶ୍ୱର, ଗୋଡା ସ୍ଥିତ ଗୋଡା ଲୋକନାଥ, ସ୍ୱପ୍ନେଶ୍ୱର, ଚନ୍ଦ୍ରଶେଖରଶ୍ୱରଙ୍କ ସମେତ ବାଘମାରୀ ଶ୍ରୀହଟ୍ଟକେଶ୍ୱର, ଜରିପୁଟ ସ୍ଥିତ ଶ୍ରୀସଙ୍କଟମୋଚନ,ବାଣପୁର ଭଗବତୀ ମନ୍ଦିର, ଭୁଷଣ୍ଡପୁର ମାଉଗ୍ରତାରା, ଜାଗୁଳିପାଟଣା ଜଗନ୍ନାଥ ମନ୍ଦିର, ବରୁଣେଇ ପୀଠ, କାଇପଦର ପୀରବାବା ପୀଠ, କେରଙ୍ଗ ମସଜିଦ୍, ବାପ୍ଟିଷ୍ଟ ଚର୍ଚ୍ଚ ପ୍ରଭୃତିରେ ସୋମବାର ଭକ୍ତଙ୍କ ପ୍ରବଳ ସମାଗମ ହେବ। ଏନେଇ ଏସଡିପିଓ ସୁଶିଲ ମିଶ୍ର କୁହନ୍ତି ସମସ୍ତ ମନ୍ଦିରରେ କୋଭିଡ ଗାଇଡଲାଇନ ପାଳନ କରିବାକୁ କୁହାଯାଇଛି। ଅଯଥା ମନ୍ଦିର ଭିତରେ ଭିଡ କରିବେ ନାହିଁ। ପ୍ରବେଶ ଓ ପ୍ରସ୍ଥାନ ପଥ ପୃଥକ ରହିବ। ମନ୍ଦିର ଭିତର ବେଢାରେ ଗହଳି ନକରି ଦର୍ଶନ ସାରି ଫେରିବେ। ସମସ୍ତ ଶୈବ ପୀଠ ଏବଂ ଅନ୍ୟାନ୍ୟ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଶିବାନୀ



@ ମନୋଜ



@ ସରୋଜ



@ ସ୍ୱରୂପ



@ ସଚିନ

## ସାର ଚୋରି ଘଟଣା: ୩ କୋର୍ଟ ଚାଲାଣ

**ବାଙ୍କୀ, ୮।୮( ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ତୁଳସୀପୁର ସେବାସମବାୟ ସମିତିରୁ ୪ ଅଗଷ୍ଟ ରାତିରେ ୮୬ ପ୍ୟାକେଟ୍ ସାର ଚୋରି ହୋଇଥିଲା। ଏହି ଅଭିଯୋଗରେ ରବିବାର ନାରଗାଙ୍ଗ ସତ୍ୟବାଦୀ ପଟଣାର ସୁବାସଚନ୍ଦ୍ର ଜେନା, ଡଂସର ଗ୍ରାମର ଲିଟୁ ପ୍ରଧାନ ଓ ସୁଶାନ୍ତ ରାଉତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଚୋରି ହୋଇଥିବା ସାରଗୁଡ଼ିକୁ ପୋଲିସ ଜବତ କରି ସମିତିର ସମ୍ପାଦକଙ୍କୁ ହସ୍ତାନ୍ତର କରିଛି। ଏହି ଚୋରି ସମ୍ପର୍କରେ ୫ ଅଗଷ୍ଟରେ ସେବା ସମବାୟ ସମିତି ସମ୍ପାଦକ କୃପାସିନ୍ଧୁ ସ୍ୱାଇଁ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୯୮/୨୧) ରୁଜୁ ହୋଇଥିଲା।

## ବାକି ଟଙ୍କା ନ ଦେଇ ମାଡ଼ ମାରି ଅଚେତ କଲେ କମ୍ପାନୀ ମାଲିକ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ବାକି ଟଙ୍କା ମାଗିବାକୁ ଯାଇ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଯୁବକ। ସେ ହେଲେ ପ୍ରସନ୍ନ ନାୟକ(୨୨)। ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ ଶିଳ୍ପାଞ୍ଚଳରେ ଏହି ଘଟଣା ଘଟିଥିବାବେଳେ ତାଙ୍କୁ ମୁର୍ମୂଷ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ହସ୍ପିଟାଲ ପଠାଇଥିଲେ। ଏନେଇ ତାଙ୍କ ଭାଇ ମିଥୁନ ନାୟକ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଲରାପୁଟ ବସ୍ତିରେ ରହୁଥିବା ପ୍ରସନ୍ନ ରସୁଲଗଡ ଶିଳ୍ପାଞ୍ଚଳରେ ଏକ ଘରୋଇ କମ୍ପାନୀରେ ୬ ମାସ ହେବ କାମ କରୁଥିଲେ। ତାଙ୍କର ପାରିଶ୍ରମିକ ବାବଦକୁ କିଛିଟଙ୍କା ସେହି କମ୍ପାନୀରେ ବାକି ଥିବାରୁ ଶୁକ୍ରବାର ସେ ମାଗିବାକୁ ଯାଇଥିଲେ। ଏହି ସମୟରେ କମ୍ପାନୀର ମାଲିକ ତାଙ୍କୁ ମାଡ଼ମାରି ଅଚେତ ଅବସ୍ଥାରେ ଏକ ଗଛମୂଳେ ପକାଇ ଦେଇଥିଲେ ବୋଲି ମିଥୁନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୮।୦୮।୨୦୨୧
୨୭୨୪ ଟଙ୍କା

## କାଠଯୋଡ଼ିରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୮।୮(ଡି.ଏନ୍.ଏ.): କାଠଯୋଡି ନଦୀକୁ ଗାଧୋଇବାକୁ ଆସି ନିଖୋଜ ଥିବା ଯୁବକଙ୍କ ମୃତଦେହ ରବିବାର ସକାଳେ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିଛନ୍ତି। ମୃତକ ଗୁଜୁରାଟର ଶେଖ୍ ଶାଦୁ ଖାନ୍ ବୋଲି ଜଣାପଡିଛି। ସୂଚନାଥାଉ କି, ଶନିବାର ଅପରାହ୍ନରେ ଏକ ଘରୋଇ ରୁଟି କମ୍ପାନୀରେ କାମ କରୁଥିବା ଦୁଇ ନାବାଳକଙ୍କ ସହ ଶେଖ୍ ଶାଦୁ ଓ ପ୍ରଭାତ ଚୌଧୁରୀ ମୁଣ୍ଡମୁହାଣ ବାଲିଘାଟଠାରେ କାଠଯୋଡିକୁ ଗାଧୋଇବାକୁ ଆସିଥିଲେ। ବାଲିଘାଟରେ ଏକ ଡଙ୍ଗା ରହିଥିବା ଦେଖି ସେମାନେ ଡଙ୍ଗା ନେଇ ଗାଧୋଇବାକୁ ଯାଇଥିବା ବେଳେ ଡଙ୍ଗାଟି ବୁଡିଯାଇଥିଲା। ଏହା ଦେଖି ସ୍ଥାନୀୟ ମତ୍ସ୍ୟଜୀବୀ ଦୁଇ ନାବାଳକକୁ ଉଦ୍ଧାର କରିଥିବା ବେଳେ ଦମକଳବାହିନୀ ପ୍ରଭାତ ଚୌଧୁରୀଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ଶେଖ୍ ଶାଦୁଙ୍କ ପତ୍ତା ମିଳି ନ ଥିଲା। ରବିବାର ସକାଳେ ଶେଖ ଶାଦୁଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ। ବାରଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଭିକାରି ବେଶରେ ଘରେ ପଶି ଚୋରିକଲେ

ଭୁବନେଶ୍ୱର,୮।୮(ବ୍ୟୁରୋ): ଚକେଇସିଆଣି ଅଞ୍ଚଳରେ ଦୁଇଜଣ ମହିଳା ଭିକାରି ବେଶରେ ଜଣଙ୍କ ଘରେ ପଶି ଦୁଇଟି ମୋବାଇଲ ଫୋନ ଓ ଏକ ମନିପର୍ସ ଚୋରି କରିନେଇଥିବା ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ମନିପର୍ସରେ ୧୫ଶହ ଟଙ୍କା ଓ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ମହିଳା ଦ୍ୱୟ ହାତରେ ଜରି ଓ କାଖରେ ଶିଶୁଙ୍କୁ ଧରି ଉକ୍ତ ଘରେ ପଶିବା ସହ କିଛି ସମୟ ପରେ ବାହାରି ଯାଇଥିବା ଦୃଶ୍ୟ ନିକଟରେ ଲଗିଥିବା ପଡୋଶୀଙ୍କ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଚୋରିର ଶିକାର ଜଣେ ଯୁବତୀ ଅଭିଯୋଗ ନେଇ ଥାନାକୁ ଯାଇଥିଲେ ମଧ ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ତେବେ ବହୁ ବିଳମ୍ବରେ ମାମଲା ରୁଜୁ କରିବାବେଳକୁ ମହିଳା ଲୁଟେରାମାନେ ଖସିଯାଇଥିଲେ ବୋଲି ଯୁବତୀ ଜଣକ ଗଣମାଧ୍ୟମକୁ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ସକାଳେ ଯୁବତୀ ଜଣକ ତାଙ୍କ ଭଉଣୀ ସହ ଘରେ ଶୋଇଥିଲେ। ତାଙ୍କ ମା' କବାଟ ଖୋଲା ରଖି ଅନ୍ୟ ଘରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିଲେ। ସକାଳ ପ୍ରାୟ ୭ଟାରେ ଦୁଇଜଣ ମହିଳା ଦୁଇ ଶିଶୁଙ୍କୁ ଧରି ଉକ୍ତ ଘର ମଧ୍ୟକୁ ପ୍ରବେଶ କରିଥିଲେ। ଦୁଇଭଉଣୀ ଶୋଇଥିବା ଦେଖି ପାଖରେ ରଥିବା ଦୁଇ ଫୋନ ଓ ମନିପର୍ସ ନେଇ ପଳାଇଥିଲେ। ସିସିଟିଭି ଫୁଟେଜରୁ ସେମାନେ ସହରରେ ବୁଲି ବୁଲି ଭିକ୍ଷାବୃତ୍ତି କରୁଥିବା ବନ୍‌ଜାରାଙ୍କ ଭଳି ଜଣାପଡୁଛନ୍ତି। ଏହି ଘଟଣାରେ ଏକ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

# ଲୋକୋମୋଟିଭ୍ ଇଞ୍ଜିନ ସ୍ଥାନାନ୍ତରକୁ ବିରୋଧ

**ପୁରୀରେ ଐତିହ୍ୟର ମୂକସାକ୍ଷୀ**

- ବ୍ରିଟିଶ ଅମଳରୁ ଚାଣକ୍ୟ ବିଏନ୍ଆର୍‌ରେ ସାଇତା ରହିଛି
- ଥାନାରେ ଅଭିଯୋଗ, ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ ଦାବି

ପୁରୀ ଅଫିସ,୮।୮



ଲୋକୋ ମୋଟିଭ୍ ଇଞ୍ଜିନ୍ ସ୍ଥାନାନ୍ତରକୁ କଂଗ୍ରେସ ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିରୋଧ କରାଯାଉଛି।

ବ୍ରିଟିଶ ଅମଳରେ ନ୍ୟାରୋ ଗେଜ୍ ଟ୍ରେନ୍ ଚଳାଚଳ ପାଇଁ ବ୍ୟବହୃତ ହେଉଥିବା ଲୋକୋ ମୋଟିଭ୍ ଇଞ୍ଜିନ୍‌କୁ ଅନୁମତି ବିନା ଉଠାଇନେବାକୁ ଉଦ୍ୟମ ଚାଲିଛି। ଏନେଇ ରବିବାର ପୁରୀ ସମୁଦ୍ରକୂଳ ଥାନାରେ ଚାଣକ୍ୟ ବିଏନ୍ଆର୍ ହୋଟେଲର ମ୍ୟାନେଜରଙ୍କ ବିରୋଧରେ ଏତଲା ଦିଆଯାଇଛି। ଚାଣକ୍ୟ ଗ୍ରୁପ୍ ହୋଟେଲ ଜାଣିଶୁଣି ବ୍ରିଟିଶ୍ ଅମଳର ଏହି ସରକାରୀ ସମ୍ପତ୍ତିକୁ ହଡ଼ପ କରିବାକୁ ଉଦ୍ୟମ କରିଥିବା ଏତଲାରେ ଉଲ୍ଲେଖ ରହିଛି। ରବିବାର ପୂର୍ବାହ୍ନ ୯ଟାରେ ହୋଟେଲ କର୍ମଚାରୀମାନେ ଏହାକୁ ଖୋଲିକରି ନେବା ପାଇଁ ଉଦ୍ୟମ କରୁଥିବା ପୁରୀ ଲୋକେ ଦେଖିଥିଲେ। ଶ୍ରୀଜଗନ୍ନାଥ ସେନା ଓ କଂଗ୍ରେସ ଉକ୍ତ ଘଟଣାରେ ହସ୍ତକ୍ଷେପ କରିବା ପରେ ହୋଟେଲ କର୍ମଚାରୀମାନେ ଏହାର ସ୍ଥାନାନ୍ତରଣରୁ ବିରତ ହୋଇଥିଲେ। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ, ଚାଣକ୍ୟ ଗ୍ରୁପ୍‌କୁ ରେଲୱେ ପକ୍ଷରୁ ହୋଟେଲ୍ ଲିଜ୍‌ରେ ଦିଆଯାଇଥିବାବେଳେ କୌଣସି ସମ୍ପତ୍ତି ସ୍ଥାନାନ୍ତର ଓ କିମ୍ବା ବିନା ଅନୁମତିରେ ଭିତ୍ତିଭୂମିରେ ବଡ଼ଧରଣର ପରିବର୍ତ୍ତନ ପାଇଁ ଅନୁମତି ନାହିଁ। ଏହାସତ୍ତ୍ୱେ ଚାଣକ୍ୟ ବିଏନ୍ଆର୍ ପକ୍ଷରୁ ଇଞ୍ଜିନ୍‌କୁ ଉଠାଇନେବାକୁ ଉଦ୍ୟମ ହେଉଛି। ଅଭିଯୋଗକାରୀ ହେକ୍ଟର ମିଶ୍ର କହିଛନ୍ତି, ଏଭଳି ଦୁର୍ଲ୍ଲଭ ମେଶିନ ଭାରତର ଖୁବ୍ କମ୍ ସ୍ଥାନରେ ରହିଛି। ଏବେ ଭାରତରେ ଏଭଳି ମାତ୍ର ୧୮ଟି ଇଞ୍ଜିନ୍ ରହିଛି। ଦାର୍ଜିଲିଂ ହିମାଳୟନ୍ ରେଲୱେ ପାଖରେ ୪ଟି, ନୀଳଗିରି ହିଲ୍ ରେଲୱେ ପାଖରେ ୫ଟି ଏଭଳି ଲୋକୋ ମୋଟିଭ୍ ଇଞ୍ଜିନ୍ ରହିଛି। ପୁରୀ ସହରରେ ଥିବା ଇଞ୍ଜିନ କେବଳ ପ୍ରଦର୍ଶନୀ ଉଦ୍ଦେଶ୍ୟରେ ରହିଥିବା ବେଳେ ଅଧିକାଂଶ ସ୍ଥାନରେ ଏଭଳି ଇଞ୍ଜିନ୍‌କୁ ଚଳାଚଳ କରାଯାଉଛି। ସେହିଭଳି ସିମ୍‌ଲାରେ ମଧ ଏଭଳି ୩ଟି ଇଞ୍ଜିନ୍ ରହିଛି। ୧୯୯୮ରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ୟୁନେସ୍କୋ ନିଜ ହାତକୁ ନେଇସାରିଛି। ଏଭଳି ଐତିହ୍ୟସମ୍ପନ୍ନ ବସ୍ତୁର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀରେ ଏଭଳି ଇଞ୍ଜିନ୍ ଥିବାରୁ ଏହା ଉପରେ ପୁରୀବାସୀଙ୍କର ପ୍ରଥମ ଅଧିକାର ରହିଛି। ଏହାକୁ ଚାଣକ୍ୟ ବିଏନ୍ଆର୍ ପରିସରରୁ ଅଣାଯାଇ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ କରାଯାଉ। ଲୋକେ ଭାରତୀୟ ରେଲୱେର ଇତିହାସ ସମ୍ପର୍କରେ ଜାଣିବାକୁ ପାଇବା ସହ ବ୍ରିଟିଶ ଉପନିବେଶ ଓ ରେଳ ବିକାଶ ସମ୍ପର୍କରେ ମଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ। ସେହିପରି ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ଏହି ମୂଲ୍ୟବାନ ଇଞ୍ଜିନର ଉପଯୁକ୍ତ ସଂରକ୍ଷଣ ହେଉ ଓ ରେଳ ମନ୍ତ୍ରାଳୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ପୁରୀରେ ରଖାଯାଉ। ଫଳରେ ପର୍ଯ୍ୟଟକ ଦେଖି ଖୁସିହେବେ ଓ ପୁରୀର ଗରିମା ବଢ଼ିବ। ଅନ୍ୟପକ୍ଷରେ ଏନେଇ ପୁରୀ ଜିଲା ପ୍ରଶାସନ ପାଖରେ କିଛି ସୂଚନା ନାହିଁ। ଏହା ରେଳ ବିଭାଗ ଅଧୀନ କାର୍ଯ୍ୟ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେହିଭଳି ଚାଣକ୍ୟ ବିଏନ୍ଆର୍ ରେସିଡେନ୍ସ ମ୍ୟାନେଜର କହିଛନ୍ତି, ସମ୍ପୃକ୍ତ ଇଞ୍ଜିନ ରେଳ ବିଭାଗର ହୋଇଥିବାରୁ ସେଠାରେ ହେଉଥିବା କାର୍ଯ୍ୟ ରେଲୱେ କରୁଥାଇପାରେ। ଚାଣକ୍ୟ ଗ୍ରୁପ୍ ପକ୍ଷରୁ ଏଭଳି କିଛି ନିଷ୍ପତ୍ତି ନିଆଯାଇନାହିଁ। ଅପରପକ୍ଷେ ରେଲୱେ ପକ୍ଷରୁ ଅଲ୍ଲୀ ଆକବର ଉଖାନୀ କମ୍ପାନୀକୁ ଏହାର ମରାମତି ଦାୟିତ୍ୱ ଦିଆଯାଇଥିବାବେଳେ ସେହି କମ୍ପାନୀ ଇୟାଜ୍ ଖାନ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟଭାର ଦେଇଥିଲା ବୋଲି ପୋଲିସ କହିଛି। ତେବେ ସେଠାରେ କିଏ କାର୍ଯ୍ୟ କରୁଥିଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି।

### ଲୋକୋମୋଟିଭ୍ ଇଞ୍ଜିନ୍‌ର ଇତିହାସ

ବ୍ରିଟିଶ ଶିଳ୍ପାୟନ ପରର ଖୁବ୍ କମ୍ ଦିନ ଭିତରେ ନ୍ୟାରୋଗେଜ୍ ଟ୍ରେନ୍ ଚଳାଚଳ ପାଇଁ ଏଭଳି ଇଞ୍ଜିନ ବିକଶିତ ହୋଇଥିଲା। ସେତେବେଳେ ବେଙ୍ଗଲ-ନାଗପୁର ରେଲୱେ (ଏବେ ବିଏନ୍ଆର୍ ଭାବେ ପରିଚିତ) ପୁରୀକୁ ରେଳ ଯୋଗାଯୋଗର ମାଧ୍ୟମ ଥିଲା। ମାଳତୀପାଟପୁରଠାରେ ପୁରୀ ରେଳଷ୍ଟେଶନ ଥିବାବେଳେ ଏଭଳି ଇଞ୍ଜିନ୍ ମାଧ୍ୟମରେ ଟ୍ରେନ୍ ଚଳାଚଳ ହେଉଥିଲା। ପରବର୍ତ୍ତୀ ସମୟରେ ପୁରୀ ବିଏନ୍ଆର୍ ନାମକ ଏକ ହୋଟେଲ ପୁରୀ ସହରରେ ଗଢ଼ି ଉଠିଥିଲା। ଏହା ଥିଲା ପୁରୀର ପ୍ରଥମ ହୋଟେଲ ଶିଳ୍ପ। ହୋଟେଲ ଶିଳ୍ପର ମୂଳଦୁଆ ପକାଇଥିବା ବିଏନ୍ଆର୍‌କୁ ଦେଶର ବିଭିନ୍ନ ପ୍ରାନ୍ତରୁ ବ୍ରିଟିଶର୍ସ ରହିବାକୁ ଆସୁଥିଲେ। ବ୍ରିଟିଶ ଉପନିବେଶବାଦ ଲୋପ ପରେ ସ୍ୱାଧୀନ ଭାରତରେ ବିଏନଆର୍‌କୁ ଭାରତୀୟ ରେଳରେ ପରିବର୍ତ୍ତିତ କରାଗଲା। ତେବେ ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ ବିଏନ୍ଆରର ଘରୋଇକରଣ କରିଥିଲେ। ତାଙ୍କ ସମୟରେ ଚାଣକ୍ୟ ଗ୍ରୁପ୍‌କୁ ବିଏନଆର୍ ଲିଜ୍ ଆକାରରେ ଦିଆଯାଇଥିଲା। ତେବେ ବିଏନ୍ଆର୍ ଘରୋଇକରଣ ହେବା ପୂର୍ବରୁ ସମ୍ପୃକ୍ତ ଇଞ୍ଜିନକୁ ସେଠାରେ ସ୍ଥାପନ କରାଯାଇଥିଲା ଯାହା ଏବେ ବି ରହିଛି।




କ୍ରାନ୍ତି ଦିବସ ଉପଲକ୍ଷେ ପୁରୀର ଶିଳ୍ପୀ ଶୁଭଶ୍ରୀ, ସସ୍ମିତା ଏବଂ ନିବେଦିତାଙ୍କ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନ।

## ରାଜଧାନୀରେ ଦେହଜୀବୀ, କିନ୍ନରଙ୍କ ଉତ୍ପାତ ବଢ଼ୁଛି

ଭୁବନେଶ୍ୱର,୮।୮(ବ୍ୟୁରୋ)

ରାଜଧାନୀରେ ଦେହଜୀବୀ ଓ କିନ୍ନରଙ୍କ ଉତ୍ପାତ ବଢ଼ି ଚାଲିଛି। ରାତି ହେବାମାତ୍ରେ କଲୋନୀରୁ ମୁଖ୍ୟ ରାସ୍ତାରେ ରାଜ୍ କରୁଛନ୍ତି। ସାଧାରଣ ଲୋକଙ୍କୁ ଆକ୍ରମଣକରି ଲୁଟୁଛନ୍ତି। ଶୁକ୍ରବାର ରାତିରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟରେ ଜଣେ ଯାତ୍ରୀଙ୍କୁ ଲୁଟ୍‌ବେଳେ ବିରୋଧ କରିବାରୁ କିନ୍ନରମାନେ ଜଣେ ହାବିଲ୍‌ଦାରଙ୍କୁ ଆକ୍ରମଣ କରିଥିଲେ। ଏହାର ଦିନକ ପରେ ରବିବାର ରାତିରେ ମାଷ୍ଟରକ୍ୟାଣ୍ଟିନରେ ଦେହଜୀବୀଙ୍କ ମାଡ଼ରେ ଜଣେ ଯୁବକଙ୍କ ମୁଣ୍ଡ ଫାଟିଛି। ଆହତଙ୍କୁ ସ୍ଥାନୀୟ ଲୋକେ କ୍ୟାପିଟାଲ ଥାନାରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନାନୁସାରେ, ଜିଆର୍‌ପି ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ ସାଇକେଲ ଷ୍ଟାଣ୍ଡ ନିକଟରେ ସନ୍ଧ୍ୟାରେ କୌଣସି କାରଣକୁ ନେଇ ଜଣେ ଯୁବକ ଓ ଜଣେ ଦେହଜୀବୀଙ୍କ ମଧ୍ୟରେ ବଚସା ହୋଇଥିଲା। ଦେହଜୀବୀ ଜଣକ ଏକ ହେଲମେଟ୍‌ରେ ଯୁବକଙ୍କୁ ଆକ୍ରମଣ କରିଥିଲେ। ହେଲମେଟ ମାଡ଼ରେ ସମ୍ପୃକ୍ତ ଯୁବକଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଦେହଜୀବୀ ଜଣକ ଫେରାର ହୋଇଯାଇଥିଲେ। ଦେହ ବ୍ୟବସାୟରେ ମୂଳଚାଲକୁ ନେଇ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

**ଦେହଜୀବୀଙ୍କ ମାଡ଼ରେ ଯୁବକ ଲହୁଲୁହାଣ**

## ଚୋରି, ଲୁଟ୍ ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର,୮।୮(ବ୍ୟୁରୋ)

ଚୋରି, ଲୁଟ୍ ଅଭିଯୋଗରେ ଶହୀଦନଗର ଓ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିର ବିଜୟ ମହାକୁଡ(୧୯), କ୍ୟାପିଟାଲ ଥାନା କେଦାରପଲ୍ଲୀ ବସ୍ତିର କାହ୍ନୁ ଘଡେଇ(୨୨) ଓ ଖାରବେଳନଗର ଥାନା ପୋଲିସ ଗିରଫ କରିଥିବା ଧଉଳି ଥାନା ଅଞ୍ଚଳର ରାଜା ପାତ୍ର(୨୨)। ସୂଚନା ଅନୁଯାୟୀ,ଶହୀଦନଗର ଥାନା ପ୍ଲଟ ନଂ.୫୩ରେ ଅଶୋକ କୁମାର ସାହୁ ତାଙ୍କ ଘର ସାମ୍ନାରେ ଏକ ତେଜରାତି ଦୋକାନ କରିଛନ୍ତି। ଅଭିଯୁକ୍ତ ବିଜୟ ଶନିବାର ରାତିରେ ତାଙ୍କ ଦୋକାନର ତାଲା ଭାଙ୍ଗି ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏନେଇ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୩୦୬/୨୧) ରୁଜୁ କରିଥିଲା। ସେହିପରି ଜୁଲାଇ ୨୬ରେ ରାଜମହଲ ଓଭରବ୍ରିଜ ସାମ୍ନାରେ ରଞ୍ଜିତ୍ ମଲ୍ଲିକ ଯାଉଥିବାବେଳେ କାହ୍ନୁ ଓ ତାଙ୍କ ସହଯୋଗୀ ରଞ୍ଜିତ୍‌ଙ୍କ ହାତରୁ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ଅଭିଯୋଗ ପରେ (୪୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ରାତି ପ୍ରାୟ ୮ଟାରେ ମାଷ୍ଟର କ୍ୟାଣ୍ଟିନ୍ ଛକସ୍ଥିତ ଏଟିଏମ୍‌ରୁ ଧଉଳି ଥାନା ଅଞ୍ଚଳର ବିକ୍ରମ ସାମଲ ଟଙ୍କା ଉଠାଇବାକୁ ଯାଇଥିବାବେଳେ ରାଜା ତାଙ୍କ ବାଇକ ଚୋରି କରି ନେଇଯାଇଥିଲେ। ପୋଲିସ ମାମଲା (ନଂ.୨୫୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ୭ ହଜାରରୁ ଊର୍ଦ୍ଧ୍ୱ ହାଇସ୍କୁଲରେ ଚାରାରୋପଣ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ରାଜ୍ୟର ୭ ହଜାରରୁ ଅଧିକ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ୧୫ ତାରିଖରେ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ସଂଲଗ୍ନ ଗ୍ରାମର ପତିତ ଭୂମିରେ ଅଧିକ ଅମ୍ଳଜାନ ଯୋଗାଣକାରୀ ଚାରାରୋପଣ କରାଯିବ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ପ୍ରାୟ ୮ହଜାରରୁ ଅଧିକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ପାଖାପାଖି ୭ହଜାର ହାଇସ୍କୁଲରେ ନିମ୍ବ ଓ ତୁଳସୀ ବ୍ୟତୀତ ଆମ୍ବ, ପିଜୁଳି, ସପେଟା ଆଦି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ଏଥିସହ ସେଗୁଡ଼ିକର ନାମକରଣ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କରାଯାଇଛି। ପରିବେଶକୁ ରୋଗମୁକ୍ତ ଓ ଅମ୍ଳଜାନଯୁକ୍ତ କରିବା ପାଇଁ ଚଳିତ ବର୍ଷ ଓଷ୍ଟା ଆଗାମୀ ଦିନରେ ବିଦ୍ୟାଳୟ ପରିସର ଓ ବାହାରେ ଆହୁରି ଅଧିକ ଗଛ ଲଗାଇବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବାକୁ ଲକ୍ଷ୍ୟ ରଖିଥିବା ମହାନ୍ତି କହିଛନ୍ତି।



ଓଷ୍ଟା ପକ୍ଷରୁ ଚାରା ରୋପଣ କରାଯାଉଛି।

## 'ଷ୍ଟାର ମିସ୍ କନ୍‌ଫିଡେଣ୍ଟ' ହେଲେ ଆୟତୀ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଜାତୀୟସ୍ତରୀୟ ପ୍ରତିଯୋଗିତା 'ଷ୍ଟାର୍ ମିଷ୍ଟର ଆଣ୍ଡ୍ ମିସ୍ ଟିନ୍ ଇଣ୍ଡିଆ'ରେ ପ୍ରତିଭା ପ୍ରଦର୍ଶନ କରି ଟାଇଟଲ୍ ହାସଲ କରିଛନ୍ତି ଭୁବନେଶ୍ୱରର ଝିଅ ଆୟତୀ ପଟ୍ଟନାୟକ। ନୂଆଦିଲ୍ଲୀର ଷ୍ଟାର୍ ଏଣ୍ଟରଟେନ୍‌ମେଣ୍ଟ ପ୍ରଡକ୍ସନ ପକ୍ଷରୁ ନିକଟରେ ରାଜସ୍ଥାନର ଜୟପୁର ସହରରେ ଆୟୋଜିତ ଏହି ପ୍ରତିଯୋଗିତାରେ ସେ 'ଷ୍ଟାର ମିସ୍ କନ୍‌ଫିଡେଣ୍ଟ' ହୋଇଛନ୍ତି। ନୀଳକଣ୍ଠ ପଟ୍ଟନାୟକ ଓ ନିହାରିକା ପଟ୍ଟନାୟକଙ୍କ ୧୪ବର୍ଷୀୟା ଝିଅ ଆୟତୀ ଏଥ୍‌ନିକ୍, ଟ୍ୟାଲେଣ୍ଟ ଓ ରିଜିଓନାଲ୍ ରାଉଣ୍ଡରେ ଭଲ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଏହି ଗୌରବ ଆଣିଛନ୍ତି।

ଗତ ଜୁଲାଇ ୨୮ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୭୪ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରାମ୍ପ୍ ୱାକ୍, ଟ୍ୟାଲେଣ୍ଟ ରାଉଣ୍ଡ, ପର୍ସନାଲ ଇଣ୍ଟରଭ୍ୟୁ, ପ୍ରଶ୍ନୋତ୍ତର ଭଳି ବିଭିନ୍ନ ପର୍ଯ୍ୟାୟ ରହିଥିଲା। ଜାନୁୟାରୀ ମାସରେ ଓଡ଼ିଶାରେ ଏହାର ଅଡିଶନ ହୋଇଥିଲା। ସେଥିରେ ୫୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାବେଳେ ୫ଜଣ ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ।




ଟାଇଟଲ ସହ ଆୟତୀ ପଟ୍ଟନାୟକ।

# ପୁଣି ସିଲ୍ ହେଲା ୟୁନିଟ୍-୪ ମାଛ ମାର୍କେଟ

ଭୁବନେଶ୍ୱର, ୮।୮(ବ୍ୟୁରୋ)






ଶଟ୍‌ଡାଉନ୍‌ରେ ରବିବାର ଖୋଲା ରହିଥିବା ୪ନଂ. ମାଛ ମାର୍କେଟ। କୋଭିଡ୍ କଟକଣା ଉଲ୍ଲଂଘନ ପାଇଁ ବିଏମ୍‌ସି ପକ୍ଷରୁ ପ୍ରବେଶପଥକୁ ସିଲ୍ କରାଯାଉଛି।

କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ୟୁନିଟ୍-୪ ମାଛ ମାର୍କେଟ (ହୋଲ୍‌ସେଲ୍ ଓ ରିଟେଲ୍)କୁ ରବିବାର ପୁଣି ସିଲ୍ କରାଯାଇଛି। ଶଟ୍‌ଡାଉନରେ ମାର୍କେଟ ଖୋଲାଥିବା ଖବର ପାଇବା ପରେ ବିଏମ୍‌ସିର ଏକ ଟିମ୍ ପହଞ୍ଚି ସ୍ଥିତି ତଦାରଖ କରିଥିଲା। ସେହି ସମୟରେ ଏକାଧିକ ଖୁଚୁରା ଓ ହୋଲ୍‌ସେଲ୍ ଦୋକାନ ଖୋଲା ରହିଥିବାବେଳେ ଗ୍ରାହକ ଭିଡ଼ ଜମାଇ କିଣାକିଣି କରୁଥିଲେ। ଅଧିକାଂଶ ବ୍ୟବସାୟୀ ଓ ଗ୍ରାହକ ମାସ୍କ ମଧ ପିନ୍ଧି ନ ଥିଲେ। ଗତ ସପ୍ତାହରେ ମଧ ଶଟ୍‌ଡାଉନ୍‌ରେ ମାର୍କେଟ ଖୋଲିଥିଲା। ଏଥିପାଇଁ ପୂର୍ବରୁ ବିଏମ୍‌ସି ପକ୍ଷରୁ ମାର୍କେଟ ସଂଘକୁ କଟକଣା ମାନିବା ନେଇ ଚେତାବନୀ ଦିଆଯିବା ସହ ଆଲୋଚନା ମଧ କରାଯାଇଥିଲା। ଆଗାମୀ ଦିନରେ ଶଟ୍‌ଡାଉନ୍‌ରେ ଦୋକାନ ଖୋଲିବେ ନାହିଁ ବୋଲି ସଂଘ ପକ୍ଷରୁ ପ୍ରତିଶ୍ରୁତି ମଧ ଦିଆଯାଇଥିଲା। ମାତ୍ର ବାରମ୍ବାର ଏପରି କଟକଣା ଉଲ୍ଲଂଘନ କରୁଥିବାରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି, ତାଗିଦ୍ ସତ୍ତ୍ୱେ ସଂଘ ଏହାକୁ ମାନୁ ନାହିଁ। ରବିବାର ସକାଳେ ମାର୍କେଟରେ ୩ଟି ଦୋକାନ ଖୋଲିଥିବା ନେଇ ବିଏମ୍‌ସି ପାଖରେ ଖବର ପହଞ୍ଚିଥିଲା। ମାତ୍ର ମାର୍କେଟରେ ପହଞ୍ଚିବା ପରେ ଏକାଧିକ ଦୋକାନ ଖୋଲାଥିବା ଓ ବ୍ୟବସାୟ ଚାଲୁଥିବା ଦେଖିବାକୁ ପାଇଥିଲୁ। ତେଣୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ମାର୍କେଟକୁ ସିଲ୍ କରାଯାଇଛି ବୋଲି ସେ କହିଛନ୍ତି। ଏହି ସିଲ୍ ସମୟରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଆସିଷ୍ଟାଣ୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲିଲନ୍ ପ୍ରସାଦ ସାହୁ ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କରୋନା ସ୍ଥିତିରେ ସୁଧାର ଆସିବା ପରେ ଲକ୍‌ଡାଉନ କଟକଣାକୁ କୋହଳ କରାଯାଇଛି। ମାତ୍ର ଭୁବନେଶ୍ୱରରେ ଏବେ ବି ସଂକ୍ରମଣ ରହୁଥିବାରୁ ସପ୍ତାହାନ୍ତ ଶଟ୍‌ଡାଉନ ବଳବତ୍ତର ରହିଛି। ଏହି ସମୟରେ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହୁଛି। ମାତ୍ର ସମ୍ପୃକ୍ତ ମାର୍କେଟରେ ବାରମ୍ବାର କୋଭିଡ୍ ନିୟମକୁ ଉଲ୍ଲଂଘନ କରାଯାଉଛି। ଏପରି ଆଚରଣ ପାଇଁ ଗତ ଜୁନ୍ ୧୮ରୁ ଜୁଲାଇ ୧ ପର୍ଯ୍ୟନ୍ତ ମାର୍କେଟକୁ ସିଲ୍ କରାଯାଇଥିଲା।

- ଶଟ୍‌ଡାଉନ୍‌ରେ ଚାଲିଥିଲା ବେପାର
- ପୂର୍ବରୁ ତାଗିଦ କରିଥିଲା ବିଏମ୍‌ସି

## ସଂକ୍ଷେପରେ

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,୮।୮(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ ଢ଼ଁସର ପଞ୍ଚାୟତର ମହାପର୍ବତ ପାଦଦେଶରେ ରବିବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେସ୍କୋ ନେତୃତ୍ୱରେ ପ୍ରାତଃ ଭ୍ରମଣକାରୀମାନଙ୍କୁ ନେଇ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ପ୍ରକୃତି ବନ୍ଧୁ ବଳରାମ ପାଇକରାୟ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଢ଼ଁସର କୃଷକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିଜୟ କୁମାର ପ୍ରଧାନ ଯୋଗଦେଇ ଚାରାରୋପଣ କରିବା ସହ ତାର ରକ୍ଷଣବେକ୍ଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଧାଶ୍ୟାମ ବେହେରା ଯୋଗଦେଇ ବିଶ୍ୱତାପ ନିୟନ୍ତ୍ରଣରେ ବୃକ୍ଷର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶିକ୍ଷକ ଭରତ ଚନ୍ଦ୍ର ରାଉତ, ସ୍ୱେଚ୍ଛାସେବୀ ଲୋକନାଥ ସ୍ୱାଇଁ, ମୁରଲୀଧର ମହାନ୍ତି, କବିନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷାବିତ୍ ପଣ୍ଡିତ ସୁଦର୍ଶନ ପଟ୍ଟନାୟକଙ୍କ ପରଲୋକ

ନିମାପଡ଼ା,୮।୮(ଡି.ଏନ୍.ଏ.): ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ସୁଦର୍ଶନ ପଟ୍ଟନାୟକଙ୍କ ଶୁକ୍ରବାର ରାତିରେ ନିମାପଡ଼ାସ୍ଥିତ ବାସଭବନରେ



ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ୧୯୬୯ରୁ ୨୦୦୩ ମସିହା ପର୍ଯ୍ୟନ୍ତ ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ସେ ଶିକ୍ଷାଦାନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଶନିବାର ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ଜ୍ୟୋତିରଞ୍ଜନ ରଥ, ଦୁର୍ଗାପ୍ରସାଦ ବାରିକ, ବିଷ୍ଣୁଚରଣ ବେହେରା, ରଣଜିତ୍ କେଶରୀ ନାୟକ, ବୀଣାପାଣି ଆଚାର୍ଯ୍ୟଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଔଷଧୀୟ ଚାରାରୋପଣ

ବାଙ୍କୀ, ୮।୮(ସ୍ୱ.ପ୍ର.): ଡମପଡା ବ୍ଲକ କୁଆମଡା ଗ୍ରାମ୍ୟ କମିଟି ପକ୍ଷରୁ ରବିବାର ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଜୟନ୍ତ ରାଉତ, ବିଶ୍ୱନାଥ ସାହୁ, ନିରଞ୍ଜନ ରାଉତ, ଅଜିତ୍ ବାରିକ, ଡମ୍ବରୁଧର ରାଉତ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

### ବିଜେଡିରେ ଯୋଗଦାନ

ସାଲେପୁର, ୮।୮ (ଡି.ଏନ.ଏ): ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଜିଲା ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ୍ ଚାଟାର୍ଜୀ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଯୁବ ନେତା ଦୀପକ ଭୋଇ, ଅଭିରାମ କାଣ୍ଡି, ପୁନାନନ୍ଦ ଭୋଇ, ଶୁକଦେବ କାଣ୍ଡି, କୃଷ୍ଣଚନ୍ଦ୍ର କାଣ୍ଡି, ମାନସ କୁମାର ଭୋଇ, ଚିତନ ଭୋଇ, ପଦ୍ମନାଭ ଭୋଇ, ମନୋଜ ଭୋଇ, ନାରାୟଣ ଭୋଇ, ଆନନ୍ଦ ଭୋଇ, ନିଲୁ କିଶୋର ଭୋଇ, ମହାନା ଭୋଇଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ସରକାରୀ ଔଷଧ ପୋଡ଼ିଦେଲେ

ମାହାଙ୍ଗା, ୮।୮(ସ୍ୱ.ପ୍ର.)



ପୁରୁଣା ମେଡିକାଲ ଗୃହ ପାଖରେ ପୋଡ଼ାଯାଇଥିବା ଟାବ୍ଲେଟ୍।



ପଡ଼ିଆରେ ପୋତାଯାଇଥିବା ଔଷଧ ।

- ଗାତଖୋଳି ପୋତିଦେଲେ ଟାବଲେଟ୍, ସିରଫ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ସରକାର ଗରିବଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଯୋଜନା ପରେ ଯୋଜନା କରିବା ସହ ମାଗଣାରେ ଔଷଧ ଯୋଗାଇଦେଉଛନ୍ତି। ମାତ୍ର ମାହାଙ୍ଗା ବ୍ଲକ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ସଫଳ ରୂପାୟନ ହୋଇପାରୁ ନାହିଁ। ରୋଗୀଙ୍କୁ ଔଷଧ ମିଳୁ ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ପୁରୁଣା ମେଡିକାଲ ଗୃହ ପାଖରେ ଅବଧି ଥିବା ଅନେକ ଟାବଲେଟ ଓ ସିରଫ ପୋଡାଯାଇଥିବା ରବିବାର ଦେଖିବାକୁ ମିଳିଛି। ସେହିପରି ଫାର୍ମାସିଷ୍ଟଙ୍କ ସରକାରୀ ବାସଗୃହ ପଛପଟ ପଡ଼ିଆରେ ପ୍ରୋକଲିନ ସାହାଯ୍ୟରେ ଗାତ ଖୋଳାଯାଇ ଔଷଧଗୁଡିକୁ ପୋତାଯାଇଥିବା ଜଣାପଡ଼ିଛି। ଏହି ଗର୍ତ୍ତରେ ପେଟି ପେଟି ଔଷଧ ପୋତାଯାଇଥିବା ଆଶଙ୍କା କରାଯାଉଛି। ଔଷଧଗୁଡ଼ିକୁ କାହିଁକି ଓ କେଉଁ ପରିସ୍ଥିତିରେ ନଷ୍ଟ କରାଯାଇଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ମାନସ ମହାନ୍ତି କୁହନ୍ତି, ନଷ୍ଟ ହୋଇଯାଇଥିବା ଔଷଧ ଓ ମେଡିକାଲ ଆବର୍ଜନାକୁ ପୋତା ଯାଇଛି। ରୋଗୀମାନେ ସରକାରୀ ଔଷଧ ନେଇ ଏହାକୁ ମେଡିକାଲ ପରିସରରେ ଫୋପାଡି ଦେଇ ଯାଉଛନ୍ତି, ସେଗୁଡିକୁ ପୋଡ଼ି ଦିଆଯାଉଛି ବୋଲି ସଫେଇ ଦେଇଛନ୍ତି। ଅପରପକ୍ଷରେ ମେଡିକାଲ ପରିସରରେ ଆବର୍ଜନାକୁ ସୁରକ୍ଷିତ ଭାବରେ ନଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଆବର୍ଜନା ଟାଙ୍କି ନିର୍ମାଣ କରାଯାଇଥିବାବେଳେ କ'ଣ ପାଇଁ ସେଠାରେ ଗର୍ତ୍ତ ଖୋଳାଯାଇ ଔଷଧ ପୋତାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାସ୍ତାରୁ ଉଠିଗଲାଣି ପିଚୁ



ରାସ୍ତାରୁ ପିଚୁ ଉଠିଯାଇ ଖାଲ ହୋଇଯାଇଛି ।

ଜଟଣୀ,୮।୮(ଡି.ଏନ୍.ଏ.):

**ନିର୍ମାଣକୁ ୨୦ଦିନ ପୂରିନି**

ଜଟଣୀ ପୌରାଞ୍ଚଳ ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ କାମ ଜାରି ରହିଛି। ସ୍ଥାନୀୟ ମସଜିଦ୍ ଛକଠାରୁ କୋର୍ଟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଯାତାୟାତରେ ଅସୁବିଧା ହେଉଥିବା ନେଇ ଗତ ଜୁନ ୧୫ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ପୌର ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇ ଗୋଡି ଓ ଡଷ୍ଟପକାଇ ରାସ୍ତା ଜନସାଧାରଣଙ୍କ ନିମନ୍ତେ ଯାତାୟାତ ଉପଯୋଗୀ କରାଯାଇଥିଲା। ଏହି ରାସ୍ତାର ମସଜିଦ୍ ଛକଠାରୁ ପୋଷ୍ଟ ଅଫିସ ଦେଇ ଜଟଣୀ କୋର୍ଟ ପର୍ଯ୍ୟନ୍ତ ପିଚୁ କରାଯାଇଛି। ୧୬ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତାକୁ ପିଚୁ କରାଯାଇଥିଲା ତେବେ କାର୍ଯ୍ୟର ହେବାର ୨୦ଦିନ ନ ପୂରୁଣୁ ଉକ୍ତ ରାସ୍ତାରୁ ପିଚୁ ଉଠିଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପାଇଛି। ନିମ୍ନମାନର ରାସ୍ତା କାର୍ଯ୍ୟର ବିଭାଗୀୟ ଅଧିକାରୀ ତଦନ୍ତ କରି ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଜଟଣୀ ପୌରପରିଷଦର ବିଭାଗୀୟ ଯନ୍ତ୍ରୀ ଦୀପକ ରଥ କହିଛନ୍ତି, ଯେଉଁ ସ୍ଥାନରେ ପିଚୁ ଉଠିଯାଇଛି ତାହା ମରାମତି କରାଯିବ।

# ରାସ୍ତାକଡ଼ରୁ ଗଛ କାଟିଦେଲେ

ଖୋର୍ଦ୍ଧା ଅଫିସ,୮।୮:

ପରିବେଶ ସନ୍ତୁଳନ ଲାଗି ଚାରାରୋପଣ ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି। ଏପରି କି ରାସ୍ତା ପାର୍ଶ୍ୱରେ ବନୀକରଣକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିବର୍ଷ ବନ ମହୋତ୍ସବ ପାଳନ ସହ ଲୋକଙ୍କୁ ମାଗଣା ଚାରା ବଣ୍ଟନ କରାଯାଉଛି। ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରୁ ବଡ ବଡ ଗଛ କାଟି ନିଆଯାଉଥିଲେ ମଧ୍ୟ ବନ ବିଭାଗ ନୀରବ ରହୁଛି। ବାଘମାରୀ-କଣ୍ଟିଲୋ ରାଜ୍ୟ ରାଜପଥ ପାର୍ଶ୍ୱରେ ଲାଗିଥିବା ଗଛ ସବୁ ମୂଳରୁ ୨ଫୁଟ ଲେଖାଏ ଛାଡ଼ି କାଟି ଦିଆଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଗଛ କଟାଯାଇଥିବାବେଳେ ବନ ବିଭାଗ ଚୁପ୍ ବସିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବାଘମାରୀ-କଣ୍ଟିଲୋ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଯାଇଥିଲା ଏହିସବୁ ଗଛ ଉପର ଦେଇ ୪ଫୁଟ ଉଚ୍ଚରେ ୧୧ କେଭି ବିଦ୍ୟୁତ ତାର ଯାଇଛି। ବନ ବିଭାଗ ବିନା ଅନୁମତିରେ ବାଘମାରୀ ବିଦ୍ୟୁତ ବିଭାଗ ପକ୍ଷରୁ ଏହି ତାର କାଟି ଦିଆଯାଇଛି। ବିଦ୍ୟୁତ ବିଭାଗ ୧୧ କେଭି ସଂସ୍ପର୍ଶରେ ଆସିବାକୁ ଥିବା ଗଛର ଡାଳପତ୍ର ପରିବର୍ତ୍ତେ ଗଛର ମୂଳରୁ ଦୁଇ ଫୁଟ ଛାଡ଼ି ସମ୍ପୂର୍ଣ୍ଣ କାଟି ଦେଇଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶପ୍ରେମୀ ବିରୋଧ କରିବା ସହ ଖୋର୍ଦ୍ଧା ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ବନପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗଛକୁ କଟାଯାଉଥିଲେ ମଧ୍ୟ କିପରି ବିଭାଗ ପାଖରେ ଖବର ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ସମ୍ପ୍ରତି ବର୍ଷାଦିନେ ୧୧ କେଭି ତାରରେ ଡାଳପତ୍ର ମାଡ଼ି ବିପଦ ସୃଷ୍ଟି କରିବା ଆଶଙ୍କାରେ କାଟି ଦିଆଯାଇଥିବା ସ୍ଥାନୀୟ ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଖୋର୍ଦ୍ଧା ରେଞ୍ଜର ଅସିତ ମିଶ୍ର କହିଛନ୍ତି, ଉକ୍ତ ରାସ୍ତାରେ ବନ ବିଭାଗ ନୁହେଁ ବରଂ ଜଙ୍ଗଲ ଉନ୍ନୟନ ନିଗମ ପକ୍ଷରୁ ଗଛ ଲଗାଯାଇଥିଲା। ତେଣୁ ଗଛ କଟାଯିବା ସମ୍ପର୍କରେ ନିଗମ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

# ପରିବେଶ ସୁରକ୍ଷା ପାଇଁ ଗଛ ଅଭିଯାନ



ଔଷଧୀୟ ଉଦ୍ୟାନରେ ନିରଞ୍ଜନ ସାହୁ ।

- ସଂସ୍କୃତ ଶିକ୍ଷକଙ୍କ ଗଛ ପ୍ରୀତି
- ରାସ୍ତା କଡ଼ରେ ଲଗାଇଛନ୍ତି ଶତାଧିକ ଗଛ
- ନିଜ ବାଡ଼ିରେ କରିଛନ୍ତି ସୁରମ୍ୟ ଉଦ୍ୟାନ

ନିଶ୍ଚିନ୍ତକୋଇଲି,୮।୮(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡୋଳୋ ପଞ୍ଚାୟତ ମଲ୍ଲିପୁର ଗ୍ରାମର ନିରଞ୍ଜନ ସାହୁ (ପଞ୍ଚୁ ସାର୍) ସ୍ଥାନୀୟ ମଲ୍ଲୀପୁର ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ରୂପେ କାର୍ଯ୍ୟରତ। ଶିକ୍ଷକତାକୁ ପେସାରୂପେ ଗ୍ରହଣ କରିଥିବା ସାହୁ ପରିବେଶର ସୁରକ୍ଷା ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି। ସାହୁ ରାଣୀପଡ଼ା, ଦିକ୍ଷିତପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁଇ ପାର୍ଶ୍ୱରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ନେଇ ଶତାଧିକ ଚାରାରୋପଣ କରିଛନ୍ତି। ଏହି ଚାରା ଏବେ ମହାଦ୍ରୁମର ପରିଣତ ହୋଇ ମାନବସମାଜକୁ ଛାୟା ପ୍ରଦାନ କରୁଛି। ପ୍ରଚଣ୍ଡ ଖରାରେ ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ଓ କୋଇଲୋର ପ୍ରସିଦ୍ଧ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଏହି ମହାଦ୍ରୁମ ତଳେ ଆଶ୍ରୟ ନେବା ସହ କ୍ଳାନ୍ତି ମେଣ୍ଟାଇଥାନ୍ତି। ତାଙ୍କର ଅଗାଢ଼ ଉଦ୍ୟମ ଓ ପ୍ରୟାସ ଯୋଗୁ ପଥଚାରୀଛାୟା ପାଇବା ସହ ସ୍ଥାନୀୟ ଅଞ୍ଚଳ ସବୁଜିମାରେ ଭରପୂର ହୋଇଯାଇଛି।

ସେହିପରି ସାହୁ ନିଜର ବାଡ଼ିରେ ଏକ ସୁରମ୍ୟ ଉଦ୍ୟାନ କରିଛନ୍ତି। ଏହି ଉଦ୍ୟାନରେ ୩୫ ପ୍ରକାର ମନ୍ଦାର, ୮ ପ୍ରକାରର ଅଶୋକ, ୪ ପ୍ରକାରର ସୁଗନ୍ଧରାଜ, ଗୋଲାପ, ମଲ୍ଲୀଫୁଲ, ୨୦୦ରୁ ଊର୍ଦ୍ଧ୍ୱ ସେଓ, ବେଦନା, ଚେରି, ଲିଚୁ, ନେଉଆ, ପିଜୁଳି, ପୁଦିନା, ଲବଙ୍ଗ, ବ୍ରାହ୍ମୀ, ଅଁଳା, ଗୁଳୁରାତି, ପାତାଳ ଗରୁଡ଼ ଆଦି ଔଷଧୀୟ ଚାରାରୋପଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକେ ଏହି ବଗିଚାରୁ ଚେରମୂଳି ଏବଂ ଔଷଧୀୟ ଗୁଣଯୁକ୍ତ ଫୁଲଫଳ ଏବଂ ପତ୍ର ନେଇ ନିଜର ରୋଗ ଉପଶମରେ ବିନିଯୋଗ କରିଥାନ୍ତି। ତେବେ ପରିବେଶର ସନ୍ତୁଳନ ଓ ସୁରକ୍ଷା କରିବା ତାଙ୍କର ଏକାନ୍ତ କାମ୍ୟ ବୋଲି ସାହୁ ପ୍ରକାଶ କରିଛନ୍ତି। ପରିବାର ଅନୁଷ୍ଠାନର ସଭାପତି ବଲ୍ଲଭ ଚରଣ ପଲେଇ କୁହନ୍ତି, ପଞ୍ଚୁସାର ପ୍ରକୃତିପ୍ରେମୀ ହିସାବରେ ଅଞ୍ଚଳରେ ବେଶ୍ ଜଣାଶୁଣା। କିନ୍ତୁ ବଣମଲ୍ଲୀ ବଣରେ ମଉଳିଲା ଭଳି ତାଙ୍କୁ ନା ମିଳୁଛି ସରକାରୀ ପ୍ରୋତ୍ସାହନ ନା ମିଳୁଛି ସମ୍ମାନ। ତେବେ ପ୍ରଶାସନ ପଞ୍ଚୁ ସାର୍‌ଙ୍କ ପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

# ଶଟ୍‌ଡାଉନରେ ଜମୁଛି ଓମ୍‌ଫେଡ୍ ବୁଥ୍‌ରେ ଭିଡ଼

ଭୁବନେଶ୍ୱର,୮।୮



**କ୍ଷୀର ନାଁରେ ଚାଲିଛି ଚା, ମାଦକଦ୍ରବ୍ୟର ବିକ୍ରି**

କୋଭିଡ ସଂକ୍ରମଣ ହ୍ରାସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସହରର କିଛି ଅମାନିଆ ଓମ୍‌ଫେଡ ବୁଥ ମାଲିକଙ୍କ ଯୋଗୁ ସ୍ଥିତି ଏବେ ବି ଜଟିଳ ରହିଥିବାରୁ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସେହିଭଳି ସରକାର ମଧ୍ୟ ଏହାକୁ ଗୁରୁତ୍ୱର ସହ ବିଚାର କରି ଖୋର୍ଦ୍ଧା ଜିଲା, ବିଶେଷ କରି ବିଏମ୍‌ସି ଅଞ୍ଚଳରେ ପ୍ରତି ଶନି ଓ ରବିବାର ସପ୍ତାହାନ୍ତ ଶଟଡାଉନ ଘୋଷଣା କରିଛନ୍ତି। କରୋନା ମହାମାରୀରେ ପ୍ରଥମ ଓ ଦ୍ୱିତୀୟ ଲହରର ଶଟଡାଉନ ସମୟରେ ଓମ୍‌ଫେଡ ବୁଥଗୁଡିକୁ କ୍ଷୀର ବିକିବା ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ମିଳିଛି। ସରକାରଙ୍କ ନିଷ୍ପତ୍ତିର ଫାଇଦା ଉଠାଇ କିଛି ଅମାନିଆ ବ୍ୟବସାୟୀ ସେମାନଙ୍କ ବୁଥରେ ଶହ ଶହ ସଂଖ୍ୟାର ଲୋକଙ୍କ ଭିଡ ଜମାଉଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଭୁବନେଶ୍ୱରରେ ପ୍ରାୟ ୬ଶହ ଓମଫେଡ ବୁଥ ରହିଛି।

ଏହିସବୁ ବୁଥରେ କେବଳ ଓମ୍‌ଫେଡର ସାମଗ୍ରୀ ବିଶେଷ କରି ଦୁଗ୍ଧଜାତୀୟ ଦ୍ରବ୍ୟ ବିକ୍ରି କରିବା ପାଇଁ ଉଭୟ ବିଏମସି ଓ ଓମଫେଡ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଏହାକୁ ବୁଥ ଚଳାଉଥିବା ବ୍ୟବସାୟୀମାନ ଆଦୌ ମାନୁ ନାହାନ୍ତି। ଫଳରେ ସପ୍ତାହାନ୍ତ ଶଟଡାଉନ ସମୟରେ କ୍ଷୀର ବଦଳରେ ବୁଥରେ ଚା ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟର ବିକ୍ରି ଜୋରସୋରରେ ହେଉଛି। ଓମଫେଡ ବୁଥ ଖୋଲା ରଖି କ୍ଷୀର ବିକିବା ପାଇଁ ସରକାର କହିଥିବାରୁ କମିଶନରେଟ ପୋଲିସର ସମସ୍ତ ସ୍ଥାନୀୟ ଥାନା ପିସିଆର ମଧ୍ୟ ସବୁ ଦେଖି ନ ଦେଖିଲା ଭଳି ଅଭିନୟ କରୁଛି। ଯାହାର ଫାଇଦା ନେଇ ଅମାନିଆ ବ୍ୟବସାୟୀମାନେ ଉଚ୍ଚ ଦରରେ ଚା, ଗୁଟ୍‌ଖା ସମେତ ଅନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ସହରର ପ୍ରମୁଖ ଅଞ୍ଚଳ ୟୁନିଟ-୪, ୟୁନିଟ-୯, ଅଶୋକ ନଗର, ଶିରିପୁର, ଖଣ୍ଡଗିରି, ନୟାପଲ୍ଲୀ, ଜୟଦେବ ବିହାର, ଶାସ୍ତ୍ରୀନଗର, ରସୁଲଗଡ, ଚନ୍ଦ୍ରଶେଖରପୁର, ପଟିଆ, ସହିଦ ନଗର ଭଳି ବିଏମସିର ୬୭ଟି ୱାର୍ଡର ପ୍ରମୁଖ ଛକଅଞ୍ଚଳରେ ଓମଫେଡ ବୁଥରେ ଶଟଡାଉନ ସମୟରେ ଭିଡ ଅଧିକ ଜମୁଛି। ଫଳରେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ବିଏମସି ଏଥି ପ୍ରତି ଉଦାସୀନତା ପ୍ରଦର୍ଶନ କରୁଥିବା ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

### ବିଜୁ ଛାତ୍ର ଜନତା ଦଳର ବୈଠକ

ବାଲକାଟି,୮।୮(ଡି.ଏନ.ଏ)

ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଗଡ଼ଶ୍ରୀରାମପୁର ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶନିବାର ବିଜୁଛାତ୍ର ଜନତା ଦଳ ପକ୍ଷରୁ ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌କୁ ନେଇ ଏକ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡିନେତା କମଳ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ଯୋଗଦେଇ କହିଥିଲେ, ଦୃଢ ଇଚ୍ଛା ଶକ୍ତି ଉତ୍ସର୍ଗ ସହିତ କାର୍ଯ୍ୟରେ ପ୍ରତ୍ୟେକ ମନୁଷ୍ୟ ସଫଳତାର ସ୍ୱାଦ ପାଇପାରିବ । ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ବିଜେଡି ପର୍ଯ୍ୟବେକ୍ଷକ କୈଳାଶ ପାତ୍ର, ସଂଖ୍ୟା ଲଘୁ ସେଲର ମହମ୍ମଦ ଗୋବିନ୍ଦ,ଜିଲା ପର୍ଯ୍ୟବେକ୍ଷକ ବିଜୁ ଛାତ୍ରଜନତା ଦଳ ଦେବୀପ୍ରସାଦ ଲେଙ୍କା,ବିଜୁ ଛାତ୍ର ଜନତା ଦଳର ଜିଲାସଭାପତି ବିଶ୍ୱଦୀପ ପ୍ରଧାନ,ବାଲିଅନ୍ତା ବ୍ଲକ୍ ବିଜେଡି ସଭାପତି ପ୍ରଦୀପ ଜେନା,ବାଲିପାଟଣା ବ୍ଲକ୍ ବିଜେଡି ସଭାପତି କିଶୋର ଜେନା,ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌ର ଛାତ୍ର ଜନତା ସଭାପତି ପ୍ରୀତମ ପ୍ରଧାନ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ନିର୍ବାଚନ ପାଇଁ ବିଜେଡିର ଲୋକାଭିମୁଖ କାର୍ଯ୍ୟକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲା ସଭାପତି ବଳବନ୍ତ ରାୟ କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ସରୁନି

ନିଶ୍ଚିନ୍ତକୋଇଲି, ୮।୮ (ସ୍ୱ.ପ୍ର.)



ଅର୍ଦ୍ଧନିର୍ମିତ ଗୃହରେ ମଦ ବୋତଲ ଓ ପାଣି ପାଉଚ ଜରି ପଡ଼ିଛି।

- ୯ ମାର୍ଚ୍ଚ ୨୦୧୯ରେ ଶିଳାନ୍ୟାସ ହୋଇଥିଲା
- ଅର୍ଦ୍ଧନିର୍ମିତ ଗୃହ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଅଙ୍ଗନୱାଡି କେନ୍ଦ୍ର କାମ ବର୍ଷ ବର୍ଷ ଧରି ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଏସବୁ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ରରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି । ଏହାର ଉଦାହରଣ ବ୍ଲକ ଅଧୀନ ବଡକ୍ଷୀର ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ର ପାଇଁ ନୂତନ ଗୃହ ନିମନ୍ତେ ସରକାରଙ୍କ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା।

୯ ମାର୍ଚ୍ଚ ୨୦୧୯ରେ ମନ୍ତ୍ରୀ ପ୍ରତାପ ଜେନା ଏହି ଗୃହ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଅଢେଇ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବାବେଳେ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଏପରିକି ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏହି ଅର୍ଦ୍ଧନିର୍ମିତ ଗୃହ ଅସାମାଜିକ, ମଦ୍ୟପ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଏହାର ପରିସରରେ ବହୁ ପରିମାଣର ମଦ ବୋତଲ ଓ ପାଣି ପାଉଚ ଜରି ଆଦି ପଡ଼ିରହିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ସାହୁଙ୍କୁ ପଚାରିବାରୁ, ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ। ଖୁବଶୀଘ୍ର ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ ବୋଲି ସେ କହିଛନ୍ତି।

# ସାଂସ୍କୃତିକ ବିକାଶରେ ମୋହନ ସୁନ୍ଦର ଦେବଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଓଡ଼ିଶାର ନାଟ୍ୟ, ସଙ୍ଗୀତ, ନୃତ୍ୟ, ରାସ, ରଙ୍ଗମଞ୍ଚର ବିକାଶ ପାଇଁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସାମଗ୍ରିକ ଜୀବନ ସମର୍ପିତ କରିଥିଲେ। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ କରିବା ସହିତ ସେ ଏଥିରେ ଅଭିନୟ ମଧ୍ୟ କରିଥିଲେ। ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ନିଜ ଘରର ଅଳଙ୍କାର, ଆସବାବପତ୍ର ଓ ଜମିବାଡ଼ି ବିକ୍ରିବଟା କରି ସର୍ବସ୍ୱାନ୍ତ ହୋଇ ରାଜ୍ୟରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ମୂଳଦୁଆ ପକାଇଥିଲେ। ରାଜ୍ୟର ଗୌରବମୟ ସାଂସ୍କୃତିକ ବିକାଶରେ ମୋହନ ସୁନ୍ଦର ଦେବଙ୍କ ଭୂମିକା ଅତୁଳନୀୟ ବୋଲି ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ତାଙ୍କ ୧୩୦ତମ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ଏହି ଅବସରରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ପୂର୍ବକ ଭୁବନେଶ୍ୱର ଉତ୍କଳ ମଣ୍ଡପ ନିକଟ ମୋହନ ସୁନ୍ଦର ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ,



ଉତ୍କଳ ମଣ୍ଡପ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

### ୨ଜଣଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସ୍ମୃତି ସମ୍ମାନ'

ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ରୋହିତ କୁମାର, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ରବି ନାରାୟଣ ନନ୍ଦ, ଦେବରାଜ ସେନାପତି, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସଙ୍ଗୀତଜ୍ଞ ଡ. ବିଜୟ କୁମାର ଜେନା ଓ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡ. ମିନତୀ ବେହେରାଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

**ମଦ, ମେସିନ ଓ ବାଇକ୍ ଜବତ: ଜଣେ ଗିରଫ**

ପୁରୀ ଅଫିସ :ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚୋରା ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଅବକାରୀ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ବିପିନ ବିଶ୍ୱାଳ। ଏନେଇ ପୋଲିସ ଏକ କେସ୍ (ନଂ. ୨୬/୨୧) ରୁଜୁ କରିଛି। ତାଙ୍କଠାରୁ ୧୨ଶହ ଲିଟର ଦେଶୀମଦ, ୨ଟି ପାଉଚ ତିଆରି ମେଶିନ, ୧ଟି ବାଇକ୍ ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ନରେନ୍ଦ୍ର ପ୍ରଧାନ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖଲ୍ଲିକୋଟସ୍ଥିତ ଶାକିରିରୁ ବିଷାକ୍ତ ଦେଶୀ ମଦ ଆଣି ବିପିନ ପୁରୀ ଜିଲାର ମାଲୁଦ, କ୍ଷୀରି ସାହି, ଉଠାନିକୁଦା, କୃଷ୍ଣପ୍ରସାଦଗଡ଼ ଆଦି ଅଞ୍ଚଳରେ ବିକ୍ରି କରୁଥିଲେ। ଖବର ପାଇ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ଜେଲ ଗଲେ ଅଭିଯୁକ୍ତ ପାରିବାରିକ ଗଣ୍ଡଗୋଳରୁ ଜଣଙ୍କର ମୃତ୍ୟୁ ଘଟଣା

ବେଗୁନିଆ,୮।୮(ଡି.ଏନ୍.ଏ.): ବେଗୁନିଆ ଥାନା ଅଧୀନ ଚକାପଦା ଗାଁରେ ଦୁଇ ପାରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ୱାଧୀନ ସ୍ୱାଇଁ(୨୦)। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇଦିଆଯାଇଛି। ସୂଚନାଥାଉ କି, ଗତ ୩ତାରିଖ ରାତି ପ୍ରାୟ ସାଢେ ୮ଟାରେ ପାରିବାରିକ ଗଣ୍ଡଗୋଳରୁ ସ୍ୱାଧୀନଙ୍କ ଆକ୍ରମଣରେ ନୀଳମଣି ବାରିକ(୪୯)ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ ହୋଇଥିଲା। କିନ୍ତୁ ନୀଳମଣିଙ୍କୁ ହତ୍ୟା କରାଯାଇଛି ବୋଲି ପରିବାରଲୋକେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ. ୧୫୦/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

### ପୋଲିସକୁ ସୂଚନା ଦେବା ସନ୍ଦେହରେ ଆକ୍ରମଣ, ୨ ଗୁରୁତର

ବ୍ରହ୍ମଗିରି,୮।୮(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଳିକାବାଡି ଛକରେ ଏକ ଘରୋଇ ଚିକିତ୍ସାଳୟର ନିର୍ମାଣ ଚାଲିଛି। ଏନେଇ ଉକ୍ତ ଗ୍ରାମର କେତେଜଣ ଯୁବକ ଦାଦାବଟି ମାଗିବାରେ ସମ୍ପୃକ୍ତ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ରଞ୍ଜନ ରାଉତଙ୍କୁ ଗିରଫ କରିଥିଲା। ପୋଲିସକୁ ସୂଚନା ଦେଇଥିବା ସନ୍ଦେହରେ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଉକ୍ତ ଗ୍ରାମର ରାଜକିଶୋର ରାଉଳଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏହାର ବିଚାର ପାଇଁ ଶନିବାର ରାତିରେ ଗ୍ରାମସଭା ଡକାଇ ବିଚାର କରାଯାଇଥିଲା। ଏହି ସଭା ସମୟରେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଆକ୍ରମଣରେ ରାଜକିଶୋର ଓ ବିଦ୍ୟାଧର ଗୁରୁତର ହୋଇଥିଲେ। ଏନେଇ ରବିବାର ରାଜକିଶୋରଙ୍କ ଅଭିଯୋଗକ୍ରମେ ପୋଲିସ ୧୫ଜଣଙ୍କ ବିରୋଧରେ ଏକ ମାମଲା (ନଂ.୧୫୮/୨୧) ରୁଜୁକରି କୃଷ୍ଣଚନ୍ଦ୍ର ରାଉତ ଓ ସନ୍ତୋଷ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଶିକ୍ଷାବିତ୍ ପଣ୍ଡିତ ସୁଦର୍ଶନ ପଟ୍ଟନାୟକଙ୍କ ପରଲୋକ



ନିମାପଡ଼ା, ୮।୮(ଡି.ଏନ୍.ଏ.): ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ସୁଦର୍ଶନ ପଟ୍ଟନାୟକଙ୍କ ଶୁକ୍ରବାର ରାତିରେ ନିମାପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ସେ ଜଣେ ଛାତ୍ର ବତ୍ସଳ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଶନିବାର ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୯୬୯ରୁ ୨୦୦୩ ମସିହା ପର୍ଯ୍ୟନ୍ତ ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ଏହି ସଭାରେ ଶିକ୍ଷକ ଜ୍ୟୋତିରଞ୍ଜନ ରଥ, ଦୁର୍ଗାପ୍ରସାଦ ବାରିକ, ବିଷ୍ଣୁଚରଣ ବେହେରା, ରଣଜିତ୍ କେଶରୀ ନାୟକ, ବୀଣାପାଣି ଆଚାର୍ଯ୍ୟଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରୁ ଗଛ କାଟି ଦେଲେ

ଖୋର୍ଦ୍ଧା ଅଫିସ,୮।୮:



ରାସ୍ତା ପାର୍ଶ୍ୱରୁ ଗଛ କାଟି ନିଆଯାଇଛି ।

ପରିବେଶ ସନ୍ତୁଳନ ଲାଗି ଚାରାରୋପଣ ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି। ଏପରି କି ରାସ୍ତା ପାର୍ଶ୍ୱରେ ବନୀକରଣକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିବର୍ଷ ବନ ମହୋତ୍ସବ ପାଳନ ସହ ଲୋକଙ୍କୁ ମାଗଣା ଚାରା ବଣ୍ଟନ କରାଯାଉଛି। ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରୁ ବଡ ବଡ ଗଛ କାଟି ନିଆଯାଉଥିଲେ ମଧ୍ୟ ବନ ବିଭାଗ ନୀରବ ରହୁଛି। ବାଘମାରୀ-କଣ୍ଟିଲୋ ରାଜ୍ୟ ରାଜପଥ ପାର୍ଶ୍ୱରେ ଲାଗିଥିବା ଗଛ ସବୁ ମୂଳରୁ ୨ଫୁଟ ଲେଖାଏ ଛାଡ଼ି କାଟି ଦିଆଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଗଛ କଟାଯାଇଥିବାବେଳେ ବନ ବିଭାଗ ଚୁପ୍ ବସିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବାଘମାରୀ-କଣ୍ଟିଲୋ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଯାଇଥିଲା ଏହିସବୁ ଗଛ ଉପର ଦେଇ ୪ଫୁଟ ଉଚ୍ଚରେ ୧୧ କେଭି ବିଦ୍ୟୁତ ତାର ଯାଇଛି। ବନ ବିଭାଗ ବିନା ଅନୁମତିରେ ବାଘମାରୀ ବିଦ୍ୟୁତ ବିଭାଗ ପକ୍ଷରୁ ଏହି ତାର କାଟି ଦିଆଯାଇଛି। ବିଦ୍ୟୁତ ବିଭାଗ ୧୧ କେଭି ସଂସ୍ପର୍ଶରେ ଆସିବାକୁ ଥିବା ଗଛର ଡାଳପତ୍ର ପରିବର୍ତ୍ତେ ଗଛର ମୂଳରୁ ଦୁଇ ଫୁଟ ଛାଡ଼ି ସମ୍ପୂର୍ଣ୍ଣ କାଟି ଦେଇଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶପ୍ରେମୀ ବିରୋଧ କରିବା ସହ ଖୋର୍ଦ୍ଧା ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

**ବନ ବିଭାଗ ନୀରବତାକୁ ନେଇ ପ୍ରଶ୍ନ**

ଅନ୍ୟପକ୍ଷରେ ବନପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗଛକୁ କଟାଯାଉଥିଲେ ମଧ୍ୟ କିପରି ବିଭାଗ ପାଖରେ ଖବର ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ସମ୍ପ୍ରତି ବର୍ଷାଦିନେ ୧୧ କେଭି ତାରରେ ଡାଳପତ୍ର ମାଡ଼ି ବିପଦ ସୃଷ୍ଟି କରିବା ଆଶଙ୍କାରେ କାଟି ଦିଆଯାଇଥିବା ସ୍ଥାନୀୟ ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଖୋର୍ଦ୍ଧା ରେଞ୍ଜର ଅସିତ ମିଶ୍ର କହିଛନ୍ତି, ଉକ୍ତ ରାସ୍ତାରେ ବନ ବିଭାଗ ନୁହେଁ ବରଂ ଜଙ୍ଗଲ ଉନ୍ନୟନ ନିଗମ ପକ୍ଷରୁ ଗଛ ଲଗାଯାଇଥିଲା। ତେଣୁ ଗଛ କଟାଯିବା ସମ୍ପର୍କରେ ନିଗମ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

# ରାସ୍ତାରୁ ଉଠିଗଲାଣି ପିଚୁ



ରାସ୍ତାରୁ ପିଚୁ ଉଠିଯାଇ ଖାଲ ହୋଇଯାଇଛି ।

ଜଟଣୀ,୮।୮(ଡି.ଏନ୍.ଏ.):

ଜଟଣୀ ପୌରାଞ୍ଚଳ ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ କାମ ଜାରି ରହିଛି। ସ୍ଥାନୀୟ ମସଜିଦ୍ ଛକଠାରୁ କୋର୍ଟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଯାତାୟାତରେ ଅସୁବିଧା ହେଉଥିବା ନେଇ ଗତ ଜୁନ ୧୫ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ପୌର ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇ ଗୋଡି ଓ ଡଷ୍ଟପକାଇ ରାସ୍ତା ଜନସାଧାରଣଙ୍କ ନିମନ୍ତେ ଯାତାୟାତ ଉପଯୋଗୀ କରାଯାଇଥିଲା। ଏହି ରାସ୍ତାର ମସଜିଦ୍ ଛକଠାରୁ ପୋଷ୍ଟ ଅଫିସ ଦେଇ ଜଟଣୀ କୋର୍ଟ ପର୍ଯ୍ୟନ୍ତ ପିଚୁ କରାଯାଇଛି।

**ନିର୍ମାଣକୁ ୨୦ଦିନ ପୂରିନି**

୧୬ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତାକୁ ପିଚୁ କରାଯାଇଥିଲା ତେବେ କାର୍ଯ୍ୟର ହେବାର ୨୦ଦିନ ନ ପୂରୁଣୁ ଉକ୍ତ ରାସ୍ତାରୁ ପିଚୁ ଉଠିଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପାଇଛି। ନିମ୍ନମାନର ରାସ୍ତା କାର୍ଯ୍ୟର ବିଭାଗୀୟ ଅଧିକାରୀ ତଦନ୍ତ କରି ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଜଟଣୀ ପୌରପରିଷଦର ବିଭାଗୀୟ ଯନ୍ତ୍ରୀ ଦୀପକ ରଥ କହିଛନ୍ତି, ଯେଉଁ ସ୍ଥାନରେ ପିଚୁ ଉଠିଯାଇଛି ତାହା ମରାମତି କରାଯିବ।





ପୁରୀଠାରେ ରବିବାର ଅନୁଷ୍ଠିତ ଶିଶୁ ସମାଚାର ପତ୍ରିକାର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିଶୁ ପ୍ରତିଭା ।

## ଚିତ୍ତରଞ୍ଜନ ପ୍ରଧାନ ରାଜ୍ୟ ସାଧାରଣ ସମ୍ପାଦକ

### ଓଡ଼ିଶା ଷ୍ଟେଟ ମାଲଖମ୍ବ ଆସୋସିଏଶନ

ପୁରୀ ଅଫିସ, ୮।୮:

ସିଟିରୋଡସ୍ଥିତ ବାମ୍ବୋ କଟେଜ ପରିସରରେ ଓଡ଼ିଶା ଷ୍ଟେଟ ମାଲଖମ୍ବ ଆସୋସିଏଶନର ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ରବିବାର ଘୋଷଣା କରାଯାଇଛି। ଏଥିରେ ମାଲଖମ୍ବ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ରମେଶ ଇନ୍ଦୋଲିଆ ଏବଂ ରାଜ୍ୟ ସଭାପତି ସନ୍ତୋଷ ନାୟକ ଯୋଗଦେଇଥିଲେ। ଚିତ୍ତରଞ୍ଜନ ପ୍ରଧାନ ପୁନର୍ବାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ଗୌରୀ ଶଙ୍କର ସିଂହାରୀ କାର୍ଯ୍ୟକାରୀ ସଭାପତି ଓ ପାର୍ବତୀ ଜେନା କାର୍ଯ୍ୟକାରୀ ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ଉପସଭାପତି ରୂପେ ମଧୁସୂଦନ ରୟ, ଜୁଲି ନାୟକ, ବାବୁଲା, ଅଜିତ ସାମନ୍ତରାୟ, ବାମଦେବ ଦାସ ମନୋନୀତ ହୋଇଥିଲେ। ଆଇନ ପରାମର୍ଶଦାତା ଭାବେ ଜେନାମଣି ଏସ୍‌ଏସ୍‌ବି ଜେନା ଥିବାବେଳେ ସହସମ୍ପାଦକ ରୂପେ ପ୍ରକାଶ କୁମାର ଗୋଚ୍ଛି, ଆଶୀର୍ବାଦ ମହାନ୍ତି, ସନ୍ତୋଷ ବିଶ୍ୱାଳ, ବିଶାଳ ରଞ୍ଜନ ପ୍ରଧାନ, ବିରଞ୍ଚି କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ରୂପେ ଜ୍ଞାନ ରଞ୍ଜନ ମହାନ୍ତି ଓ ରଞ୍ଜିତ ମହାନ୍ତି, ସଞ୍ଜୀବ ମହାନ୍ତି, ଦିଲୀପ ରାଜ ପାଲ, ରଘୁରାଜ ସାହୁ, ପ୍ରଶାନ୍ତ ପ୍ରଧାନ, ପ୍ରକାଶ କୁମାର ରାଉତରାୟ, କେଶବ ପ୍ରଧାନ ଆଦି ସଭ୍ୟ ରୂପେ ମନୋନୀତ ହୋଇଥିଲେ।

# ଆଶିଷଙ୍କ ଚିକିତ୍ସାରେ ଅର୍ଥ ବାଧକ

କାକଟପୁର, ୮।୮(ଡି.ଏନ୍.ଏ):

କାକଟପୁର ବ୍ଲକ ଲତାହରଣ ପଞ୍ଚାୟତ ଗୋରଡ଼ିତୋଟା ଗ୍ରାମର ଗୋଲଖ ବିଶ୍ୱାଳଙ୍କ ୫ବର୍ଷର ପୁତ୍ର ଆଶିଷଙ୍କ ଚିକିତ୍ସା ନିମନ୍ତେ ଅର୍ଥାଭାବ ବାଧକ ସାଜିଛି। ଡାକ୍ତରଙ୍କ ତ୍ରୁଟି ଯୋଗୁ ଆଶିଷ ଏବେ ଯନ୍ତ୍ରଣାସିକ୍ତ ଜୀବନ ଜୀଉଁଛନ୍ତି। ପୁଅର ଚିକିତ୍ସା ନିମନ୍ତେ ସହାୟତା ଯୋଗାଇଦେବାକୁ ପ୍ରଶାସନକୁ ଗୋଲଖ ଗୁହାରି ଜଣାଇଛନ୍ତି।

ଗୋଲଖଙ୍କ କହିବା ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲରେ ଆଶିଷ ଜନ୍ମ ହୋଇଥିଲେ। ତେବେ ନବଜାତକ କିଛି ମାସ ପରେ ନ କାନ୍ଦିବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଶିଶୁଟିକୁ ଆଇସିୟୁରେ ରଖାଯାଇ ତାଙ୍କ ମୁଣ୍ଡରେ ଏକ ପାଇପ୍ ଲଗାଯାଇଥିଲା। କିନ୍ତୁ ଭୁଲବଶତଃ ପାଇପ୍‌ର କଣ୍ଟା ଶିଶୁର ଏକ ଶିରରେ ଗଳିଯାଇଥିଲା। ଫଳରେ ଆଶିଷ ବାକ୍ ଶକ୍ତି ହରାଇଥିବା ଗୋଲକ କୋହଭରା କଣ୍ଠରେ କହିଛନ୍ତି।

**ସହାୟତା ପାଇଁ ପ୍ରଶାସନକୁ ବାପାଙ୍କ ଗୁହାରି**

ଶିରରେ କଣା ହୋଇଥିବାରୁ ଏଭଳି ଅବସ୍ଥା ଘଟିଛି, କିନ୍ତୁ ଅସ୍ତ୍ରୋପଚାର ପରେ ଆଶିଷ ସୁସ୍ଥ ହୋଇଯିବେ ବୋଲି ଡାକ୍ତର କହିଛନ୍ତି। ମାତ୍ର ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ। ଗୋଲଖ ଦିନ ମଜୁରିଆ ହୋଇଥିବାରୁ ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। କରୋନା କାଳରେ ସେ ବେରୋଜଗାର ହୋଇପଡ଼ିଥିବାବେଳେ ପୁଅ ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରିଦେଉଛି। ତେଣୁ ପ୍ରଶାସନ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗୋଲଖ ନିବେଦନ କରିଛନ୍ତି।

# ଭାଜପା ସିଂହଦ୍ୱାର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୮।୮:

ଭାଜପା ସିଂହଦ୍ୱାର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ରବିବାର ବାସେଳିସାହିସ୍ଥିତ ମୁଦୁଲି ଯାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଂହଦ୍ୱାର ମଣ୍ଡଳ ସଭାପତି ରବି ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଗକୁ ପୌର ନିର୍ବାଚନ ଥିବାରୁ ଦଳ କିପରି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭାଜପା କର୍ମୀ ପ୍ରତି ୱାର୍ଡକୁ ଯାଇ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ପ୍ରତ୍ୟେକ ବୁଥ୍‌ରେ ଟିମ୍ ଗଠନ ହେବ। ଏହି ଟିମ୍ ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ନିମନ୍ତେ କାର୍ଯ୍ୟ କରିବ। ବୈଠକରେ ବରିଷ୍ଠ ନେତା ମଧୁସୂଦନ ସିଂହାରୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଜିଲା ଉପସଭାପତି ଦିଗଦର୍ଶନ ପଟ୍ଟନାୟକ, ସମ୍ପାଦିକା ସୁଦେଶ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ନାରାୟଣ ପାତ୍ର, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ରାଜକିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

# ପାଠମଉଜ, ମେଧାବୀ ସମ୍ବର୍ଦ୍ଧନା ସମାରୋହ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମେଧାବୀ ପ୍ରତିଭାମାନେ।

ନିମାପଡ଼ା,୮।୮(ଡି.ଏନ୍.ଏ.):

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ରବିବାର ୧୮ତମ ପାଠମଉଜ, ମେଧାବୀ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଓ ଚାରାରୋପଣ କାର୍ଯ୍ୟକ୍ରମ ପାଟପୁର ଗ୍ରାମ ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, କଲେଜ ଅଧ୍ୟାପକ ରବୀନ୍ଦ୍ର ନାଥ ପାଢୀ, ସୁବ୍ରତ ମହାନ୍ତି, ନିର୍ମଳ ମିଶ୍ର, ପ୍ରତାପ କୁମାର ସାବୁତ, କଲ୍ୟାଣ ସୌରଭ ଦାଶ, ସୌଭାଗିନୀ ମିଶ୍ର, ସଞ୍ଜୁକ୍ତା ମହାନ୍ତି, ସୁମନ୍ତ ମହାରଣା, ବଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ଗ୍ରୁପର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଚଳିତ ମାଟ୍ରିକ ଓ +୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ଗ୍ରୁପ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗ୍ରୁପର ପତ୍ରିକା 'ମୋ ଆଶା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅତିଥି ଓ ଗ୍ରୁପର କର୍ମକର୍ତ୍ତାମାନେ ଲୋକନାଥ ପୀଠ ପରିସରରେ ଚାରାରୋପଣ କରିଥିଲେ। ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# 'ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କର'

ବୋଲଗଡ଼,୮।୮(ଡି.ଏନ୍.ଏ.):



ରାସୋଳ ଗ୍ରାମରେ ଅନୁଷ୍ଠିତ ବୈଠକରେ ଭାଜପା କର୍ମକର୍ତ୍ତାମାନେ ।

ବୋଲଗଡ ବ୍ଲକ ରାସୋଳ ଗ୍ରାମରେ ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ପିଚୁକୁଳି ମଣ୍ଡଳର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାର ପୂର୍ବତନ ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥି, ଜିଲା କୃଷକ ମୋର୍ଚ୍ଚାର ଉପସଭାପତି ସୂର୍ଯ୍ୟନାରାୟଣ ଦାସ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଗୁଣନିଧି ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ବୈଠକରେ ବୁଣାକାର ସଂଘର ସାଧାରଣ ସମ୍ପାଦକ ଭାଗୀରଥି ପରମାଣିକ, ପିଚୁକୁଳି ମଣ୍ଡଳ ଭାଜପା ପ୍ରଭାରୀ ତଥା କୃଷକ ମୋର୍ଚ୍ଚାର ଉପସଭାପତି ଶୁଭକାନ୍ତ ଖଡିରତ୍ନ, ଗଡମାଣତୀର ପ୍ରଭାରୀ ପବିତ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳ ସ୍ତରରୁ କୃଷକ ମୋର୍ଚ୍ଚା ସଙ୍ଗଠନକୁ ମଜଭୁତ କରିବା ପାଇଁ ଅତିଥିମାନେ କହିଥିଲେ। ପିଚୁକୁଳି ମଣ୍ଡଳ କୃଷକ ମୋର୍ଚ୍ଚାର କୃଷକଙ୍କ ସମସ୍ୟା ବୁଝିବା ପାଇଁ ସଭାପତି ଭାବେ ପ୍ରଦୀପ ପାଲଟାସିଂହଙ୍କୁ ମୁଖ୍ୟ ଅତିଥି ଚୟନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପିଚୁକୁଳି ମଣ୍ଡଳର ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ସ୍ତନ୍ୟପାନ ସପ୍ତାହ ପାଳିତ

କୃଷ୍ଣପ୍ରସାଦ,୮।୮(ଡି.ଏନ୍.ଏ.):

କୃଷ୍ଣପ୍ରସାଦ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଜିଲାପାଳ ସୁବାସନାଥ ଶର୍ମା ଉପସ୍ଥିତ ଥିଲେ। ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଚିଲିକା ନୂଆପଡ଼ା ଅଞ୍ଚଳ ପରିକ୍ରମା କରିଥିଲା। ଶିଶୁ ପାଇଁ ସ୍ତନ୍ୟପାନର ଉପଯୋଗିତା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସହାୟିକା, ମୁଖ୍ୟ ସେବିକା ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ଏବଂ ଅନ୍ୟମାନେ ।

ସାକ୍ଷୀଗୋପାଳ,୮।୮(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ସତ୍ୟବାଦୀ ପ୍ରେସ କ୍ଲବର ୨୩ତମ ବାର୍ଷିକ ଅଧିବେଶନ ସାକ୍ଷୀଗୋପାଳ ପାନ୍ଥଶାଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଖବରଦାତା ମଧୁସୂଦନ ମିଶ୍ର ଯୋଗଦେଇ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ସୁନିଲ ପଣ୍ଡା, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଶୈଳେନ୍ଦ୍ର ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ସୁବୁଦ୍ଧି, ପ୍ରମୋଦ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସତ୍ୟବାଦୀ ଥାନା ଆରକ୍ଷୀ ନିରୀକ୍ଷକ ଦେବୀ ପ୍ରସାଦ ପାତ୍ର, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ପ୍ରୀତମ ବାଗ ଓ କର୍ମଚାରୀ ରତ୍ନାକର ବେହେରାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି କିଶୋର ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରି ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଲବର ଉପସଭାପତି ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଅଶୋକ ବେହେରା, ସହ ସମ୍ପାଦକ ପ୍ରଶାନ୍ତ ବାରିକ, କୋଷାଧ୍ୟକ୍ଷ ବସନ୍ତ ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଅମର ଶତପଥୀ, ଆଲୋକ ଖୁଣ୍ଟିଆ, ଭରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

କୃଷ୍ଣପ୍ରସାଦ,୮।୮(ଡି.ଏନ୍.ଏ.):



ଜିଲାପାଳ ସମର୍ଥ ବର୍ମା ଅଧିକାରୀମାନଙ୍କ ସହ ଉନ୍ନୟନ କାର୍ଯ୍ୟସ୍ଥଳ ପରିଦର୍ଶନ କରୁଛନ୍ତି ।

ପୁରୀ ଜିଲାପାଳ ସମର୍ଥ ବର୍ମା ରବିବାର କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଜିଲାପାଳ ବର୍ମା ବିଭାଗୀୟ ଅଧିକାରୀ, ବିଡିଓ ଏବଂ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଚିଲିକା ନୂଆପଡା ପଞ୍ଚାୟତର ଗ୍ରାମୀଣ ଉଦ୍ୟାନ ପରିଦର୍ଶନ କରିଥିଲେ। ପଞ୍ଚାୟତ ସମିତିସଭ୍ୟ ଉତ୍ତମ କୁମାର ତରେଇ, ବିଶ୍ୱ ରଞ୍ଜନ ପ୍ରଧାନ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଜିଲାପାଳ ବଡଖାଡ ପଞ୍ଚାୟତର କମଳେଶ୍ୱର ବିଦ୍ୟାପୀଠରେ ପହଞ୍ଚି ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନଶିକ୍ଷକ କାଶୀନାଥ ଜେନା, ଗୋମୁଣ୍ଡିଆ ପଞ୍ଚାୟତ ସମିତିସଭ୍ୟ ବିଜୟ କୁମାର ତରେଇ, ବଡଖାଡ ସରପଞ୍ଚ ସତ୍ୟବାନ ତରେଇ, ବ୍ରଜ କିଶୋର ଜେନା, ହେମନ୍ତ କୁମାର ଜେନାଙ୍କ ସହିତ ସ୍କୁଲର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ବଡଖାଡ ପଞ୍ଚାୟତ ଲୋକନାଥ ଦେବ ପାର୍କ, ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନାଙ୍କ ଦ୍ୱାରା ନିର୍ମିତ ବିଜୁ ପଟ୍ଟନାୟକ ପାର୍କ ପରିକ୍ରମା କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଶିଆଳ ପଞ୍ଚାୟତ ଅଧୀନ ମୋରଡା ବଟେଶ୍ୱର ଦେବ ବିଦ୍ୟାପୀଠ ପରିସରରେ କରୋନା ଟିକାକରଣ କେନ୍ଦ୍ରରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସିଆଣ୍ଡି ପଞ୍ଚାୟତ ଅଧୀନ ବଉଳଭୂଇଁ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଦାସ, ଜିଲାପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ରମେଶ ଚନ୍ଦ୍ର ତରେଇ, ସବିତା ପଲେଇ, ଧର୍ମେନ୍ଦ୍ର ସାମନ୍ତରାୟ, କମଳାକାନ୍ତ ବାସ୍କେ, ସିଆଣ୍ଡି ସରପଞ୍ଚ ଅନିତା ନାୟକ ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ଉନ୍ନତୀକରଣ ଦିଗରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଠାରୁ ଗୋପାଳପୁର ଠାରେ ଥିବା ଶିଳ୍ପ ତାଲିମ କେନ୍ଦ୍ର, ବଜ୍ରକୋଟ ପଞ୍ଚାୟତର ଗ୍ରାମୀଣ ଉଦ୍ୟାନ, ସିଆଳ ପଞ୍ଚାୟତର ଲାଇବ୍ରେରି, କୁମ୍ଭରୀ ଠାରେ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର, ହାତିଆଶୁଣୀଠାରେ ଆଦର୍ଶ ବିଦ୍ୟାଳୟ, ଚିଲିକା ନୂଆପଡାଠାରେ ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ନାଥ ଶର୍ମା, ବିଡିଓ ଉଲାସ କୁମାର ସେଠୀ, ସିଡିପିଓ ମନୋରମା ଦେବୀ, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ ସ୍ୱାଇଁ, ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି, କନିଷ୍ଠଯନ୍ତ୍ରୀ ପବିତ୍ର ମଲ୍ଲିକ, ଅଶୋକ ସୁବୁଦ୍ଧି, ଶଶାଙ୍କ ଶେଖର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଡିଓଙ୍କ ଦ୍ୱାରା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ସଭାରେ ଜିଲାପାଳ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଯନ୍ତ୍ରୀମାନଙ୍କୁ କହିଥିଲେ।